**ସଂକ୍ଷେପରେ**

## ଟିଏମ୍‌ସି ମନ୍ତ୍ରୀଙ୍କ ବିରୋଧରେ ଭାଜପା ପକ୍ଷରୁ ଏତଲା



ଚନ୍ଦାହାଣ୍ଡି,୧୩।୧୧(ଡି.ଏନ୍.ଏ.)- ଓଡ଼ିଶାର ଗୌରବ ତଥା ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବିରୋଧରେ ପଶ୍ଚିମବଙ୍ଗର ମନ୍ତ୍ରୀ ଅଖିଳ ଗିରିଙ୍କ କଟୁ ଓ ଅଶାଳୀନ ମନ୍ତବ୍ୟ ବିରୋଧରେ ରବିବାର ଚନ୍ଦାହାଣ୍ଡି ବ୍ଲକ ଭାଜପା ଆଦିବାସୀ ମୋର୍ଚ୍ଚା ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଚନ୍ଦାହାଣ୍ଡି ଥାନାରେ ଏସ୍‌ଆଇ ଶିବ ପ୍ରସାଦ ମହାନ୍ତିଙ୍କୁ ଏତଲା ଦିଆଯାଇଛି। ଗରିବ ପରିବାରରୁ ଆସିଥିବା ଜଣେ ଆଦିବାସୀ ମହିଳା ରାଷ୍ଟ୍ରପତି ହୋଇ ପାରିଥିବାବେଳେ ତାଙ୍କ ପ୍ରତି ଏପରି କଟୁମନ୍ତବ୍ୟ ଗରିବ ଓ ଆଦିବାସୀଙ୍କ ପ୍ରତି ଏକ ତାଚ୍ଛଲ୍ୟ ବୋଲି ଭାଜପା ଆଦିବାସୀ ମୋର୍ଚ୍ଚା ପକ୍ଷରୁ ଏତଲାରେ ଦର୍ଶାଯାଇଛି। ଏଥିସହ ମନ୍ତ୍ରୀଙ୍କ ବିରୋଧରେ ଫୌଜଦାରି ମକଦ୍ଦମା ରୁଜୁ ପାଇଁ ଦାବି କରାଯାଇଛି। ଏତଲା ପ୍ରଦାନ ବେଳେ ଜିଲା ଆଦିବାସୀ ମୋର୍ଚ୍ଚା ସଭାପତି ଶ୍ୟାମ ସୁନ୍ଦର ମାଝି, ପ୍ରତାପ ଚନ୍ଦ୍ର ବାଘ, ଡମ୍ବରୁଧର ମାଝି, ପୌରସ ମାଝି, ଭୋଦେବ ବାଘ, ଶୁକ୍ରୁ ନାୟକ, ଭାରତ ବାଘ, ଲଳିତ ସୁନା, ଗମନ ଗଇତା, ତୁଳେଶ୍ୱର ହଂସ, ଚୁନାରାମ ଚୌହାନ ପ୍ରମୁଖ ଉପସ୍ଥିତ ଥିଲେ।

## ଡ୍ରାଇଭର ସଂଘର ବୈଠକ

ମୁନିଗୁଡ଼ା,୧୩।୧୧(ଡି.ଏନ୍.ଏ.)-ରାୟଗଡ଼ା ଜିଲା ମୁନିଗୁଡ଼ା ଥାନା ଅଧୀନ କୁଟ୍ରାଗଡ଼ ନିକଟସ୍ଥ ଆମ୍ବତୋଟାରେ ରାୟଗଡ଼ା ଜିଲା ଡ୍ରାଇଭର ମହାସଂଘର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୫୦୦ ରୁ ଊର୍ଦ୍ଧ୍ୱ ଡ୍ରାଇଭରଙ୍କ ମଧ୍ୟରେ ପ୍ରଥମେ ଭାଇଚାରା ପ୍ରତିଷ୍ଠା ସହ ଡ୍ରାଇଭିଂ ଜୀବନରେ ନିଜର ଦକ୍ଷତାରେ ଜିରୋ ଆକ୍ସିଡେଣ୍ଟ ତଥା ନିଶାଦ୍ରବ୍ୟ ନିବାରଣ, ଯାତ୍ରୀଙ୍କୁ ଉତ୍ତମ ବ୍ୟବହାର, କରୁଥିବା ଡ୍ରାଇଭରଙ୍କୁ ସମ୍ମାନିତ କରାଯାଇଛି। ବୈଠକରେ ଡ୍ରାଇଭରଙ୍କୁ ସରକାରୀ ସୁବିଧାରୁ ବଞ୍ଚିତ କରାଯାଉଥିବା ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ରାଜ୍ୟ ସରକାର ଡ୍ରାଇଭରଙ୍କ ଗୁରୁଦାୟିତ୍ୱକୁ ଉପଲବ୍ଧି କରି ଦାବିଗୁଡ଼ିକୁ ଗୁରୁତ୍ୱ ଦେଲେ ସରକାରୀ ଓ ବେସରକାରୀ ସ୍ତରରେ କାମ ତୁଲାଉଥିବା ଡ୍ରାଇଭରଙ୍କ ଉନ୍ନତି ହୋଇପାରିବ ବୋଲି ମତପ୍ରକାଶ ପାଇଛି।

# ୨ ମୃତକଙ୍କ ପରିଚୟ ମିଳିଲା

**ମାଳିପଦର ଜଙ୍ଗଲରେ ମାଓବାଦୀ -ପୋଲିସ ଗୁଳି ବିନିମୟ ଘଟଣା**

କୋରାପୁଟ,୧୩।୧୧ (ସ୍ୱ.ପ୍ର.)

କୋରାପୁଟ ଜିଲା ବୈପାରିଗୁଡା ଥାନା ଅନ୍ତର୍ଗତ ମାଳିପଦର ଜଙ୍ଗଲରେ ଗୁରବାର ରାତିରେ ଏସ୍‌ଓଜି ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ସେମାନଙ୍କ ମଧ୍ୟରୁ ଶନିବାର ଜଣଙ୍କ ମୃତଦେହକୁ ପରିବାର ଲୋକେ ଚିହ୍ନଟ କରିଥିବାବେଳେ ରବିବାର ଅନ୍ୟ ଜଣେ ମୃତକଙ୍କ ମୃତଦେହ ଚିହ୍ନଟ ହୋଇଥିବା ଜଣାଯାଇଛି। ଶନିବାର ଚିହ୍ନଟ ମୃତକ ଜଣକ ହେଲେ ମାଲକାନାଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ଭେଜାଗୁଡା ପଞ୍ଚାୟତ ସର୍ଗିଗୁଡା ଗ୍ରାମର ଧନ କମାର। ସେହିପରି ରବିବାର ଚିହ୍ନଟ ଅନ୍ୟଜଣେ ମୃତକଙ୍କ ପରିଚୟ ହେଲା ଜୟ କୁମାର ନାଗ। ତାଙ୍କ ଘର ନବରଙ୍ଗପୁର ଜିଲାର କୋଷାମୁଗୁଡା ଥାନା ଅନ୍ତର୍ଗତ ବରଗାଁ ନୁଆଗୁଡା ଗ୍ରାମର ବୋଲି ଜଣାପଡିଛି। ମୃତ ଜୟ କୁମାରଙ୍କ ଭାଇ ରବିବାର ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସି ମୃତଦେହ ଚିହ୍ନଟ କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ଡିଏସପି ବିମଳକାନ୍ତ ବ୍ରହ୍ମା ଓ ଏସଡିପିଓ ଅରୂପ ଅଭିଷେକ ବେହେରାଙ୍କ ଉପସ୍ଥିତିରେ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷରେ ମୃତଦେହ ଚିହ୍ନଟ ପରେ ମଧ୍ୟ ବର୍ତ୍ତମାନ ଯାଏ ଧନ କମାର ମୃତଦେହକୁ ତାଙ୍କ ପରିବାରକୁ ପ୍ରଦାନ କରାଯାଇନଥିବା ଜଣାପଡିଛି। ତାଙ୍କ ମୃତ୍ୟୁକୁ ନେଇ ଆବଶ୍ୟକ କ୍ଷତିପୂରଣ ଦାବିରେ ମାଲକାନାଗିରି କତାଲମେଟା ଗ୍ରାମ ନିକଟରେ ମାଲକାନାଗିରି-ଜୟପୁର ରାସ୍ତାକୁ ଗ୍ରାମବାସୀ ଅବରୋଧ କରି ରଖିଥିବା ଜଣାପଡିଛି। ଧନଙ୍କ ଗ୍ରାମ ସର୍ଗିଗୁଡାର ଗ୍ରାମବାସୀଙ୍କ ସହ ଆଖପାଖର ବହୁ ଗ୍ରାମବାସୀ ଏହି ରାସ୍ତା ଅବରୋଧରେ ସାମିଲ ହୋଇଥିବା ସମାଜିକ କର୍ମୀ ଶରତ ଚନ୍ଦ୍ର ବୁରୁଦା କହିଛନ୍ତି। ଉପରୋକ୍ତ ମୃତକ ଦୁଇଜଣ ଶ୍ରମିକ ରୂପେ କାର୍ଯ୍ୟ କରନ୍ତି। ସେମାନେ କାଉଡିଆ ଭାବେ ମାଲକାନାଗରି ଚିତ୍ରକୋଣ୍ଡା ଅଞ୍ଚଳରୁ ଗଞ୍ଜେଇ କୋରାପୁଟ ଜିଲାର କୋଟପାଡ ଅଞ୍ଚଳକୁ ନେଉଥିବାବେଳେ ପୋଲିସ ଗୁଳିର ଶିକାର ହୋଇଥିବା ଉପରୋକ୍ତ ୨ ମୃତକଙ୍କ ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ପୋଲିସ ଉପରକୁ ଗୁଳି ଚଳାଇବା ଯୋଗୁ ପୋଲିସ ନିଜ ସୁରକ୍ଷା ପାଇଁ ଗୁଳି ଚଳାଇବାରୁ ଉପରୋକ୍ତ ୨ ଜଣଙ୍କ ମୃତ୍ୟୁ ହୋଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ତେବେ ଏନକାଉଣ୍ଟର ନେଇ ଯେଉଁ ସୂଚନା ପ୍ରଦାନ କରାଯାଇଛି ତାହା ମିଥ୍ୟା ବୋଲି ୨ ମୃତକଙ୍କ ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇ ମୃତକଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ଦେବାକୁ ଦାବି ହୋଇଛି।

## ଷ୍ଟେଟ୍ ସିଲେକ୍ସନ ବୋର୍ଡ ଅଧ୍ୟାପକ ସଂଘର ବୈଠକ



ବୈଠକରେ ଉପସ୍ଥିତ ଅଧ୍ୟାପିକା ଅଧ୍ୟାପକ।

ରାୟଗଡ଼ା ଅଫିସ,୧୩।୧୧ –

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଷ୍ଟେଟ୍ ସିଲେକ୍ସନ ବୋର୍ଡ ଅଧ୍ୟାପକ ସଂଘର ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ଜିଲା ସଭାପତି ପ୍ରଦୀପ କୁମାର ସାମନ୍ତରାୟ, ସମ୍ପାଦକ ସତ୍ୟବାନ, କୋଷାଧ୍ୟକ୍ଷ ଦେବେଶ ମିଶ୍ର ଏବଂ ଜିଲାର ସରକାରୀ ଅନୁଦାନପ୍ରାପ୍ତ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଯୋଗ ଦେଇଥିଲେ। ବୈଠକରେ ସେମାନଙ୍କର ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ଜିଲାର ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଅଧ୍ୟାପିକା ଅଧ୍ୟାପକ ଏଥିରେ ଯୋଗ ଦେଇଥିଲେ।

## ଶିଶୁ ଦିବସ ଉପଲକ୍ଷେ ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା

ରାୟଗଡ଼ା ଅଫିସ,୧୩।୧୧(ସ୍ୱ.ପ୍ର.)

ରାୟଗଡ଼ା ସାଇପ୍ରିୟା ନଗରସ୍ଥିତ ସାଇପ୍ରିୟା ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ପ୍ରଦୀପ ଦାଶ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପ୍ରଶାନ୍ତ ପଟ୍ଟନାୟକ ଯୋଗଦେଇ ଶିଶୁ ଦିବସର ମହତ୍ୱ ଏବଂ ଏହାର ତାତ୍ପର୍ଯ୍ୟ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ଓ ଇଂରାଜୀ ଭାଷାରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଇଂରାଜୀ ଭାଷାରେ ଶ୍ୟାମଲ କୁମାର ନାୟକ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ତୁଷାର ପାତ୍ର ଦ୍ୱିତୀୟ ଓ ପ୍ରେରଣା ନାୟକ ତୃତୀୟ ସ୍ଥାନ ଅଧିକାର କରଥିଲେ। ସେହିପରି ଓଡ଼ିଆ ଭାଷାରେ ସୁମନ ପଟ୍ଟନାୟକ ପ୍ରଥମ, ଶୁଭମ ଦେହୁରୀ ଦ୍ୱିତୀୟ ଓ ସୌମ୍ୟରଞ୍ଜନ ପଟ୍ଟନାୟକ ତୃତୀୟ ହୋଇଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ଆଦର୍ଶ ପାଣିଗ୍ରାହୀ ପ୍ରଥମ, ଅଭିଳାଷ ଆଚାରି ଦ୍ୱିତୀୟ ଓ ଶ୍ୟାମଲ କୁମାର ନାୟକ ତୃତୀୟ ହୋଇଥିଲେ। ସାନ୍ତ୍ୱନାମୂଳକ ଭାବେ ସାୱାନ କୁମାର ହେମ୍ବ୍ରମଙ୍କୁ ଚୟନ କରାଯାଇଥିଲା। ସାଇପ୍ରିୟା ୱେଲଫେୟାର ଟ୍ରଷ୍ଟର ସଭ୍ୟା ମହାଶ୍ୱେତା ପାଣିଗ୍ରାହୀ ପରିଚାଳନା କରିଥିବା ବେଳେ ସମ୍ପାଦକ ଦୟାନନ୍ଦ ଖାଡାଙ୍ଗା, କୋଷାଧ୍ୟକ୍ଷ ଜି. ବ୍ରହ୍ମାଜୀ, ସଭ୍ୟ ଲାଡି ଚନ୍ଦ୍ରମୌଳି, ଲକ୍ଷ୍ମୀ ନାରାୟଣ ପାଢ଼ୀ, ପ୍ରଦୀପ ପାତ୍ର ଏବଂ ଗୀତାରାଣୀ ମିଶ୍ର ସହଯୋଗ କରିଥିଲେ।




ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ଆଇନ ସଚେତନତା କାର୍ଯ୍ୟକ୍ରମ

ଜୟପୁର,୧୩।୧୧ (ନି.ପ୍ର.)

ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ କୁନ୍ତରଖୋଲ ହାଇସ୍କୁଲଠାରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାଗରିକମାନଙ୍କ ସଶକ୍ତୀକରଣ ଉପରେ ୧୪ ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିଥିଲା। ରଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ ଦିଲ୍ଲୀ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ପରାମର୍ଶରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ପାରାଲିଗାଲ ସ୍ୱେଚ୍ଛାସେବୀ, ପେନାଲ ଓକିଲଙ୍କ ସମେତ ଅନ୍ୟମାନଙ୍କୁ ନେଇ ବ୍ଲକ, ପଞ୍ଚାୟତ ଓ ପ୍ରତ୍ୟେକ ଗ୍ରାମାଞ୍ଚଳରେ ଘର ଘର ବୁଲି ସଚେତନତାର ବାର୍ତ୍ତା ପ୍ରଚାର କରି ଆଇନ ଶିବିରମାନ କରାଯାଉଛି। ଏହି କାର୍ଯ୍ୟକ୍ରମ ଅକ୍ଟୋବର ୩୧ରୁ ଆରମ୍ଭ ହୋଇ ନଭେମ୍ବର ୧୩ ପର୍ଯ୍ୟନ୍ତ ଚାଲିଥିଲା। ରବିବାର ଶେଷ ଦିବସରେ କୁନ୍ତରଖୋଲ ଗ୍ରାମ ହାଇସ୍କୁଲରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜିଲା ଆଇନ ସେବାପ୍ରାଧିକରଣ ସଚିବ ତଥା ଲୋକ ଅଦାଲତର ବିଚାପତି ସୁମନ ଜେନା ଓ ପିପି ଡ.ଗାୟତ୍ରୀ ଦେବୀ ଯୋଗ ଦେଇଥିଲେ। ବାଲିଆ ସରପଞ୍ଚ ସରସ୍ୱତୀ ମାଝି, ସମିତିସଭ୍ୟ, ୱର୍ଡମେମ୍ବର, ପାରାଲିଗାଲ ସ୍ୱେଚ୍ଛାସେବୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ

ମାଲକାନଗିରି, ୧୩।୧୧(ଡି.ଏନ୍.ଏ.)



କାର୍ଯ୍ୟକ୍ରମରେ ଜିଲା ଦୌରାଜଜ୍ ଓ ଅନ୍ୟମାନେ।

ରାଜ୍ୟ ଆଇନସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ମାଲକାନଗିରି ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ଅଜନ୍ତା ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଗତ ୩୧ରୁ ଚଳିତ ମାସ ୧୩ ପର୍ଯ୍ୟନ୍ତ ଚାଲିଥିବା ଆଇନ ସଚେତନତା କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିପାଇଁ ଜିଲାର ୭ଟି ବ୍ଲକରେ ୭ଟି ଟିମ୍ ଗଠନ କରାଯାଇଥିଲା। ପ୍ରତି ପଞ୍ଚାୟତରେ ଜନସାଧାରଣ କିପରି ସୁବିଧାରେ ଆଇନ ସେବା ପାଇବେ ଏବଂ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଏବଂ ଏହାର ସମାଧାନ ନେଇ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ମାଲକାନଗିରି ବ୍ଲକର ୧୯ଟି ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ହୋଇଥିବା ବେଳେ ରବିବାର ତଣ୍ଡିକି ଏବଂ ଚଳାଣଗୁଡା ପଞ୍ଚାୟତରେ ପଞ୍ଚାୟତର ସରପଞ୍ଚ, ସମସ୍ତ ୱାର୍ଡମେମ୍ବର, ଅଙ୍ଗନୱାଡିକର୍ମୀ, ଆଶାକର୍ମୀ, ସ୍ୱେଚ୍ଛାସେବୀ ଓ ସଚେତନ ନାଗରିକଙ୍କୁ ନେଇ କାର୍ଯ୍ୟକ୍ରମ ହୋଇଥିଲା। ଆଇନ ସେବା ପ୍ରାଧିକରଣ ସଚିବ ତଥା ସିନିୟର ସିଭିଲ ଜଜ୍ ରାକେଶ କୁମାର ମୁଦୁଲିଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ମାଲକାନଗିରି ଦାୟିତ୍ୱରେ ଥିବା ଶିଶୁ କଲ୍ୟାଣ ଅଧ୍ୟକ୍ଷ ଅଶୋକ ପଟ୍ଟନାୟକ, ଆଇନଜୀବୀ ଦୁର୍ଗା ତ୍ରିପାଠୀ, ସମାଜିକକର୍ମୀ ଦୁର୍ଯ୍ୟୋଧନ ପାତ୍ର, ତୁଳସୀ କର୍ଣ୍ଣିଆ, ଲିପିକା ଶିକାରୀ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ଆଇନ ସେବା ସମ୍ପର୍କରେ ବୁଝାଇଥିଲେ। ଚଳାଣଗୁଡା ସରପଞ୍ଚ ଅରକ୍ଷିତ ନାୟକ, ତଣ୍ଡିକି ସରପଞ୍ଚ ବାବୁଲା ପଡିଆମି, ଗ୍ରାମ ସଂଯୋଜକ, କୃଷି ମିତ୍ର, ପ୍ରାଣୀ ମିତ୍ର, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମାଲକାନଗିରି ସଦର ମହକୁମା ସୁବାଷ ବୋଷ ଛକଠାରେ ଏକ ପଥପ୍ରାନ୍ତ ନାଟକ ମଞ୍ଚସ୍ଥ ହୋଇଥିଲା।

# ଓଡ଼ିଶା ଅମଲା ସଂଘର ଭୁବନେଶ୍ୱର ଚାଲ ଡାକରା

ନବରଙ୍ଗପୁର,୧୩।୧୧(ବି.ପ୍ର.)

ଓଡ଼ିଶା ଅମଲା ସଂଘ ନବରଙ୍ଗପୁର ଶାଖା ପକ୍ଷରୁ ରବିବାର ଏକ ଆଭାସି ବୈଠକ ଅନୁଷ୍ଠିତ ହୋଇ ଆସନ୍ତା ୨୭ରେ ଜିଲାରେ କାର୍ଯ୍ୟରତ ୩୨ଟି ବିଭାଗର ଅମଲା କିପରି 'ଭୁବନେଶ୍ୱର ଚାଲ ଅଭିଯାନ'ରେ ଭାଗ ନେବେ ସେନେଇ ଆଲୋଚନା ହୋଇଥିଲା। ୨୦୧୭ରେ ଜିଲାସ୍ତରୀୟ ଅମଲାଙ୍କ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ହୋଇଥିବା ସ୍ଥଳେ ସେହି ଅନୁପାତରେ ଏପର୍ଯ୍ୟନ୍ତ ଦରମା ନ' ମିଳିବାରୁ ସାରା ଓଡ଼ିଶାରୁ ଅମଲା ଆସନ୍ତା ୨୭ରେ ଭୁବନେଶରଠାରେ ଆୟୋଜିତ ଆନ୍ଦୋଳନରେ ଅଂଶଗ୍ରହଣ କରି ବିକ୍ଷୋଭ ପ୍ରଦର୍ଶନ କରିବେ। ରାଜ୍ୟ ମୁଖ୍ୟ ସଂଘ ଡାକରାରେ ଆସନ୍ତା ୧୫ରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରତ୍ୟେକ ଜିଲାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ଜିଲାସ୍ତରରୁ ସଚିବାଳୟ ପର୍ଯ୍ୟନ୍ତ ସମାନ କାମକୁ ସମାନ ଦରମା ଦେବାକୁ ସଂଘ ଦାବି କରିଆସୁଛି। ନିଜର ଜିଲାସ୍ତରୀୟ କନିଷ୍ଠ ଅମଲାଙ୍କୁ ୪୨୦୦ ଗ୍ରେଡ ପେ ଅନୁସାରେ ଦରମା ଦେବାକୁ ଓଡ଼ିଶାର ୩୦ ଜିଲାର ଅମଲା ଏବେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଏହି ଆଭାସୀ ବୈଠକରେ ଶାଖା ସଂଘ ସଭାପତି ବୁଲୁ ହୋତା ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ଚିତ୍ତରଞ୍ଜନତରାସିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆସନ୍ତା ଆନ୍ଦୋଳନର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ଶାଖା ସଂଘ ଅଧ୍ୟକ୍ଷ କୈଳାସ ସାମନ୍ତରା ଧନ୍ୟବାଦ ଦେଇଥିଲେ। ଭାଗୀ ମହାନ୍ତି, ରଞ୍ଜିତ ଷଡ଼ଙ୍ଗୀ, ଦିଲିପ ସାହୁ, ସିଦ୍ଧେଶ୍ୱରୀ ବେହେରା, ପ୍ରଦୀପ ଦଳେଇ,ଅରୁଣ ରଥ, ଅଶିନୀ ପରିଚ୍ଛା, ଦିଲିପ ମଲ୍ଲିକ, ଦେବାଶିଷ ମିଶ୍ର, ଅନିତା ମହାରଣା, ଚଞ୍ଚଳା ନାୟକ, ଭାରତୀ ଶତପଥୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଫାଇନାଲରେ ଜୟପୁର ଚାମ୍ପିୟନ

**ମାଁ ବୁଢ଼ୀ ଠାକୁରାଣୀ ଓପନ ଫୁଟବଲ ଟୁର୍ଣ୍ଣାମେଣ୍ଟ**

ବୋରିଗୁମ୍ମା,୧୩।୧୧(ଡି.ଏନ.ଏ.)

ପୁରୁଣା ବୋରିଗୁମ୍ମା ଷ୍ଟାଡିୟମଠାରେ ମାଁ ବୁଢ଼ୀ ଠାକୁରାଣୀ ଓପନ ଫୁଟବଲ ଟୁର୍ଣ୍ଣାମେଣ୍ଟରର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚରେ ସିୱାଇଏ ଜୟପୁର ଓ ରାୟଗଡ଼ା ମଧ୍ୟରେ କଡା ମୁକାବିଲା ହୋଇଥିଲା। ଶେଷରେ ସିୱାଇଏ ଜୟପୁର ୧-୦ ଗୋଲରେ ରାୟଗଡ଼ାକୁ ହରାଇ ଚମ୍ପିୟାନ ହୋଇଥିଲା। ମାଁ ବୁଢ଼ୀ ଠାକୁରାଣୀ ଖଲାସୀ ସଂଘ ସଭାପତି ତଥା ବରିଷ୍ଠ ଆଇନଜୀବୀ ଲାଲୁ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ସମ୍ମାନିତ ଅତିଥି ଭାବେ ଜୟପୁର ନିର୍ବାଚନ ମଣ୍ଡଳୀର ବିଜେଡି ସାଙ୍ଗଠନିକ ମୁଖ୍ୟ ଇନ୍ଦିରା ନନ୍ଦ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ପୂର୍ବତନ ମନ୍ତ୍ରୀ ନନ୍ଦ କହିଥିଲେ, ୨୦୧୧ରୁ ବୋରିଗୁମ୍ମା ଖଲାସୀ ସଂଘ ଫୁଟବଲ ଟୁର୍ଣ୍ଣାମେଣ୍ଟ କରି ଆସୁଛନ୍ତି। ଆସନ୍ତା ବର୍ଷ ବାହାର ଜିଲାରୁ ଟିମ୍ ଆଣି ଆନ୍ତଃରାଷ୍ଟ୍ରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ମଞ୍ଜୁଳା ଘାସି, ଆଇନଜୀବୀ ମୁନା ଦୋରା, ବଣିକ ସଂଘ ସଭାପତି ସୂର୍ଯ୍ୟ ନାରାୟଣ ଆଚାରୀ, କାଜୁମିଲ ସଭାପତି ରାମ ରାଜୁ, ଚମ୍ପୁରୁ ଘାସି ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନଙ୍କୁ ବଣିକ ସଂଘ ସଭାପତି ଆଚାରୀ ଓ ପ୍ରେସ କ୍ଲବ ଉପଦେଷ୍ଟା କେ.ସାକିଲି ଦୋରା ସମ୍ବର୍ଦ୍ଧିତ କରିଥିଲେ। ଜୟପୁର ଦଳ ଚମ୍ପିୟନ ହେବା ପରେ ପୁରୁଣା ବୋରିଗୁମ୍ମା ଷ୍ଟାଡିୟମ ଆତସବାଜିରେ କମ୍ପି ଉଠିଥିଲା। ବିଜୟୀ ଜୟପୁର ଦଳକୁ ୪୦ ହଜାର ଟଙ୍କା ପ୍ରଦାନ ସହ ଟ୍ରଫି ପ୍ରଦାନ କରାଯାଇଥିଲା। ରନର୍ସ ରାୟଗଡା ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରି ଅତିଥିମାନେ ପୁରସ୍କୃତ କରିଥିଲେ। ରେଫେରି ଭାବେ ରତ୍ନାକର ବାରିକ, ବ୍ରଜ ନାଗ,କୃଷ୍ଣ ଚନ୍ଦ୍ର ଟୁଡୁ ଓ ନରେନ୍ଦ୍ର ଗୌଡ଼ ମ୍ୟାଚ ପରିଚାଳନା କରିଥିଲେ। ମାଁ ବୁଢ଼ୀ ଠାକୁରାଣୀ ଖଲାସୀ ସଂଘ ଉପ ସଭାପତି ବାବୁଲା ନାଗ, ଅର୍ଗାନାଇଜର ଆପୁ ଖାନ, ସମ୍ପାଦକ ଲାଇବାନ କଟିମ, କୋଷାଧ୍ୟକ୍ଷ କୈଳାସ କଟିମ ସହ ଅନ୍ୟମାନେ ସହଯୋଗ କରିଥିଲେ।



ଟ୍ରଫି ସହ ବିଜୟୀ ଦଳର ଖେଳାଳିମାନେ।

# ଲୋକ ମହୋତ୍ସବ ପରବର ଚୂଡାନ୍ତ କାର୍ଯ୍ୟସୂଚୀ

କୋରାପୁଟ,୧୩।୧୨ (ସ୍ୱ.ପ୍ର.)

ଚଳିତମାସ ୧୭ରେ କୋରାପୁଟ ଆରମ୍ଭ ହେବାକୁ ଯାଉଛି ରାଜ୍ୟସ୍ତରୀୟ ଆଦିବାସୀ ଲୋକ ମହୋତ୍ସବ ପରବର ରୌପ୍ୟ ଜୟନ୍ତୀ ଉତ୍ସବ। ଏନେଇ ସମସ୍ତ କାର୍ଯ୍ୟସୂଚୀକୁ ଶନିବାର ଜିଲାପାଳ ଅବଦାଲ ଏମ. ଅଖତାରଙ୍କ ଦସ୍ତଖତ ପରେ ଜିଲା ପ୍ରଶାସନ ପକ୍ଷରୁ ଚୂଡାନ୍ତ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଏହି ଅନୁଯାୟୀ ଚଳିତମାସ ୧୭ରେ କୋରାପୁଟ ନିଶାଣିମୁଣ୍ଡାଠାରେ ପୂଜାର୍ଚ୍ଚନା ପରେ ବୈପାରିଗୁଡା ବ୍ଲକର ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମସ୍ଥାନ ତେନ୍ତୁଲିଗୁମ୍ମାରେ ପୂଜାର୍ଚ୍ଚନା ହେବ। ପରେ ପରବର ମୁଖ୍ୟ ମଶାଲ ପ୍ରଜ୍ୱଳନ କରାଯାଇ ପରବର ଆନୁଷ୍ଠାନିକ ଶୁଭାରମ୍ଭ କରାଯିବ। ଚଳିତ ମାସ ୨୦ରୁ ୨୬ ତାରିଖ ପର୍ଯ୍ୟନ୍ତ ଜିଲାର ସମସ୍ତ ପଞ୍ଚାୟତରେ ପରବ ମହୋତ୍ସବ ପାଳିତ ହେବ। ଚଳିତମାସ ୨୮ରୁ ଡିସେମ୍ବର ୩ ମଧ୍ୟରେ ଜିଲାର ୧୪ଟି ବ୍ଲକ ଓ ୪ ପୌରାଞ୍ଚଳରେ ପରବ ମହୋତ୍ସବ ପାଳନ କରାଯିବ। ନଭେମ୍ବର ୨୬ ଓ ୨୭ ଜିଲାସ୍ତରୀୟ କୁଇଜ, ପ୍ରବନ୍ଧ ପ୍ରତିଯୋଗିତା, ଡିସେମ୍ବର ୫ରୁ ୮ ଯାଏ ଜିଲାସ୍ତରୀୟ ଭଲିବଲ, ବ୍ୟାଡମିଣ୍ଟନ, ଫୁଟବଲ, କବାଡି (ବାଳିକା) ପ୍ରତିଯୋଗିତା ହେବ। ୧୦ରୁ ୧୩ ଯାଏ ଧନୁତୀର, କ୍ରସ କଣ୍ଟ୍ରି ପ୍ରତିଯୋଗିତା, ପର୍ବତାରୋହଣ ପ୍ରତିଯୋଗିତା ହେବ। ସେହିପରି ଡିସେମ୍ବର ୧୦ ଓ ୧୧ରେ ଜିଲାର ୪ଟି ପୌରାଞ୍ଚଳରେ ପାଠ ଉତ୍ସବ ହେବ। ଡିସେମ୍ବର ୧୧ ଓ ୧୨ରେ ଜିଲାସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା, ଡିସେମ୍ବର ୩ରୁ ୮ ଯାଏ ମଞ୍ଚ ନାଟକ ପ୍ରତିଯୋଗିତା, ଡିସେମ୍ବର ୯ରେ ଜିଲାସ୍ତରୀୟ କଳା ପ୍ରତିଯୋଗିତା ଓ ପ୍ରଦର୍ଶନୀ ହେବ। ସେହିପରି ଡିସେମ୍ବର ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ କୋରାପୁଟ ସରକାରୀ ମହାବିଦ୍ୟାଳୟ ପଡିଆରେ ପରବର ମୁଖ୍ୟ ମହୋତ୍ସବ ସହ ଓରମାସ ପକ୍ଷରୁ ପଲ୍ଲିଶ୍ରୀ ମେଳା ହେବ। ୨୦ରୁ ୨୧ ତାରିଖ ମଧ୍ୟରେ ସ୍ଥାନୀୟ ଅଞ୍ଚଳର ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ଚୂଡାନ୍ତ କାର୍ଯ୍ୟସୂଚୀରୁ ଜଣାପଡିଛି।

**Shailabala Women's Autonomous College, Cuttack**
Accredited with "A Grade' by N.A.A.C. (2006, 2017)

**ADMISSION NOTICE 2022 - 23**

Offers Following Self-Financing Course in PPP mode for the Academic Session 2022-23

| Course | Duration | Eligibility |
|---|---|---|
| B. Sc. ITM (Bachelor of Science Information Technology & Management) | 3 Years | Minimum 40% in aggregate without extra optional, if any, at the Higher Secondary or equivalent examination in Science stream from a recognized Board/University |

Forms and Information Bulletins are available at College Counter on 5th Floor Science Block Annex for Rs. 300/- on all working days OR you maydownload the form from the college website www.shailabalawomenscollege.ac.in. Last date to apply 25.11.2022, E-mail: sfcshailabalawac2022@gmail.com

*Sd /- Principal*

For Details, Call: 8249864218, 9439964289

**Government of Odisha**
**Higher Education Department**

**Timeline for Phase-III Admission into U.G. Courses under SAMS in the Higher Education Institutions for the Academic year 2022-23**

**No. N-58:-** Timeline for e-Admission in all (+3) Degree Colleges including Self Financing (Degree) / Sanskrit (Shastri) Colleges of the State under Student Academic Management System (SAMS) is given below. Any changes in the timelines will be published in the newspapers as well as in the website www.samsodisha.gov.in

| Sl# | Activities | Timeline |
|---|---|---|
| 1 | Availability of Online Common Application Form (CAF) in the website www.samsodisha.gov.in | 14-Nov-2022 (11.00 AM) |
| 2 | Last date of applying online CAF | 17-Nov-2022 (11.45 PM) |
| 3 | Publication of 1st Selection Merit List in SAMS Portal | 22-Nov-2022 (02.00 PM) |
| 4 | Reporting of Applicants at allotted institutions for taking admission | 23-Nov-2022 and 24-Nov-2022 (till 05.00 PM) |
| 5 | Data updation of applicants selected in Phase-III (1st Selection) admission process | 23-Nov-2022 and 24-Nov-2022 (till 07.00 PM) |
| 6 | Publication of waitlisted applicants in HEI's e-Space Five (5) times the actual vacancy as on 17th-Nov-2022) | 22-Nov-2022 (02.00 PM) |
| 7 | Reporting of waitlisted applicants along with relevant documents in respective HEIs for taking admission | 26-Nov-2022 and 28-Nov-2022 (02.00 PM) |
| 8 | Selection and publication of selected applicants (from the reported applicants) in the HEI's Notice Board | 28-Nov-2022 (03.00 PM to 05.00 PM) |
| 9 | Validation of documents, Final Admission & data updation of the waitlisted applicants in the e-space of respective HEIs | 29-Nov-2022 (07.00 PM) |
| 10 | Collection of Admission fees at the respective HEIs selected in Phase-III selection process | Till 30-Nov-2022 (07.00 PM) |

**For more details please contact:**
**e-Admission Helpline (Toll Free) Number 155335/1800-345-6770**

N.B.: Please go through the detailed U.G. Phase-III Guidelines available in U.G. SAMS website (https://samsodisha.gov.in/DegreeNew/index.aspx

OIPR-11001/11/0041/2223 **Sd./- Deputy Director, PTC Section**

**Government of Odisha** No.AA-20:
**"e-Procurement Notice"**
**BID IDENTIFICATION NO:**
**03 /A. C.E. (T&C, STL) /2022-23, Dt.11.11.2022**

| | | |
|---|---|---|
| 1 | Name of the work | Supply, Installation, Testing & Commissioning of Electrical Testing Equipment for Standard Testing Laboratory, Bhubaneswar. |
| 2 | Estimated Cost of the Tender | Rs.30,15,254/- |
| 3 | Period of completion | Sixty Days (60 days) |
| 4 | Date & time of availability of bid document in the portal | Dt. 15.11.2022 (10.00 AM) |
| 5 | Last date / Time for receipt of bids in the portal | Dt. 05.12.2022 (05.00 PM) |
| 6 | Name and address of the Officer Inviting Tender | Addl. Chief Engineer (T&C, STL)-cum-Electrical Inspector, Bhubaneswar, Plot No. GD-2/7, Matrivihar, Bhubaneswar-751023 Phone & Fax No. 0674-2300955 E-mail ID: sestl-od@gov.in, deistll-od@gov.in |

Further details can be seen from the e-procurement portal **https://tendersodisha.gov.in.** Any amendment / cancellation / retenders, please refer to the above cited website.

**Sd./- S.K. Dash**
**Addl. Chief Engineer (T & C, STL)-Cum-E.I., Bhubaneswar**

**OIPR-04069/11/0002/2223**

ଧରିତ୍ରୀ
DHARITRI
ସୋମବାର, ୧୪ ନଭେମ୍ବର, ୨୦୨୨



## ଆଜି କ'ଣ କେଉଁଠି

ରାୟଗଡ଼ା
- ବିଷମକଟକ ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି ।

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ମୃତ

ଡାବୁଗାଁ,୧୩।୧୧(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ନନ୍ଦପୁରା ପଞ୍ଚାୟତ ଅନ୍ତର୍ଗତ ମେଞ୍ଚର ଗ୍ରାମରେ ବିଷାକ୍ତ ସାପ କାମୁଡ଼ାରେ ଜଣେ ମହିଳାଙ୍କ ଶନିବାର ମୃତ୍ୟୁ ଘଟିଛି। ସେ ହେଲେ ମେଞ୍ଚର ଗ୍ରାମର ରବି ମାଝିଙ୍କ ସ୍ତ୍ରୀ ବନିତା(୩୩)। ନିଜ କ୍ଷେତରେ ମାଣ୍ଡିଆ କାଟୁଥିବାବେଳେ ଅପରାହ୍ନରେ ଏକ ବିଷଧର ସାପ ବନିତାଙ୍କ ଗୋଡ଼କୁ କାମୁଡ଼ିଥିଲା। ଚିତ୍କାର ଶୁଣି ପାଖ ଜମିରେ କାମ କରୁଥିବା ଲୋକେ ଆସି ତାଙ୍କୁ ଘରକୁ ନେଇଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ବନିତାଙ୍କ ସ୍ୱାମୀ ରବି ରବିବାର ଡାବୁଗାଁ ଥାନାରେ ଏତଲା ଦେଇଛନ୍ତି। ଡାବୁଗାଁ ଥାନା ଅଧୀନ ସିଂସାରି ଫାଣ୍ଡି ଅଧିକାରୀ ଗୋପାଳକୃଷ୍ଣ ହାଲୱା ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଥାନାରେ ୨୮/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ନଦୀରୁ ବୃଦ୍ଧାଙ୍କ ମୃତଦେହ ଜବତ ମୃତ୍ୟୁର କାରଣ ଅସ୍ପଷ୍ଟ

ନବରଙ୍ଗପୁର,୧୩।୧୧(ବି.ପ୍ର.)- ନବରଙ୍ଗପୁର ଥାନା ଅଧୀନ ବାଘଶିଉନି ଗାଁ ଦେଇ ପ୍ରବାହିତ ଘଣ୍ଟାୟତ ନଦୀ ଘାଟରୁ ରବିବାର ଜଣେ ବୃଦ୍ଧାଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ତେଲିଗୁଡ଼ା ଗ୍ରାମର ସବନା ଜାନୀ(୫୨)। ଗାଁ ଲୋକେ ସକାଳେ ଘାଟକୁ ଯିବାବେଳେ ସବନାଙ୍କ ମୃତଦେହ ଭସୁଥିବା ଦେଖିଥିଲେ। ଖବର ପାଇ ନବରଙ୍ଗପୁର ପୋଲିସ, ନବରଙ୍ଗପୁର ସାଇଣ୍ଟିଫିକ ଟିମ୍, ନବରଙ୍ଗପୁର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନଦୀରୁ ମୃତଦେହ ଜବତ କରିବା ସହ ନବରଙ୍ଗପୁର ମୁଖ୍ୟ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ବୃଦ୍ଧାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ ପାଇଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ପ୍ରକାଶ କରିଛି। ନବରଙ୍ଗପୁର ଥାନା ଅଧିକାରୀ ନରେଶ ପ୍ରଧାନ ଘଟଣାର ତଦନ୍ତ ଚଳାଇଛନ୍ତି।

### ବିଭିନ୍ନ ଦାବି ନେଇ ଇପିଏଫ୍ ପେନ୍ସନଧାରୀଙ୍କ ବୈଠକ



ଗୁଣପୁର,୧୩।୧୧(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଗୁଣପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଇପିଏଫ୍ ପେନ୍ସନ ଆସୋସିଏଶନର ଜିଲାସ୍ତରୀୟ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସର୍ବନିମ୍ନ ମାସିକ ୯୦୦୦ ଟଙ୍କା ପେନ୍ସନ ସହ ମହଙ୍ଗା ଭତ୍ତା, ଆୟୁଷ୍ମାନ ଭାରତ ଯୋଜନା ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ ଦାବିରେ ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ ବୈଠକ ହୋଇଥିଲା। ଉପୋରକ୍ତ ଦାବି ଗୁଡ଼ିକୁ ନେଇ ୧୬ ତାରିଖରେ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାୟଗଡ଼ା ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ ପାଇଁ ବୈଠକରେ ସ୍ଥିର କରାଯାଇଛି। ଜିଲା ସମ୍ପାଦକ ଜଗଦୀଶ ଚନ୍ଦ୍ର ତୃଳ, ସହ ସମ୍ପାଦକ ଫକୀର ମୋହନ ନାୟକ ଓ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଅନନ୍ତ ଚରଣ ପଣ୍ଡାଙ୍କ ନେତୃତ୍ୱରେ ବୈଠକ ହୋଇଥିଲା।

# କାଶୀପୁର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଆରମ୍ଭ

## ତତ୍କାଳୀନ ବିଡିଓଙ୍କ ସମ୍ପୃକ୍ତି ଆଶଙ୍କା

ରାୟଗଡ଼ା ଅଫିସ,୧୩।୧୧

କାଶୀପୁର ବ୍ଲକ ମୁନୁଷ୍ ଗାଁ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବଡ଼ ଦୁର୍ନୀତି ହୋଇଥିବା ପଦାକୁ ଆସିବା ପରେ ରାୟଗଡ଼ା ଭିଜିଲାନ୍ସ ୟୁନିଟ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ୧୦ ଲକ୍ଷ ଟଙ୍କାର ଅନିୟମିତତା ନେଇ ତଦନ୍ତ ଚାଲିଥିବା ଭିଜିଲାନ୍ସ ଡିଏସପି ସୁରେନ୍ଦ୍ର ରାୟଗୁରୁ ସୂଚନା ଦେଇଛନ୍ତି। ତେବେ ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ଭିଜିଲାନ୍ସ ପକ୍ଷରୁ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇନାହିଁ।

ସୂଚନାଯୋଗ୍ୟ, ୨୦୨୦ରେ କରୋନା ସମୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବଡ଼ ଦୁର୍ନୀତିକୁ ନେଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅମ୍ବୁଡ୍‌ସମ୍ୟାନ୍ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ। ଏହାପରେ ଜିଲା ପରିଷଦ ବିଭାଗ, ପଞ୍ଚାୟତ ବିଭାଗଠାରୁ ଆରମ୍ଭ କରି ସମସ୍ତ ବିଭାଗର ଅଧିକାରୀଙ୍କ ମନରେ ଛନକା ପଶିଛି। ତଦନ୍ତ ପାଇଁ ଭିଜିଲାନ୍ସ ବିଭାଗ ସମସ୍ତ ନଥିପତ୍ର ସହ ୱେବସାଇଟ୍ ତଥ୍ୟ ଆଧାରରେ ତଦନ୍ତ ଆରମ୍ଭ କରିଛି। ଏହି ଜାଲିଆତିରେ ମୁନୁଷ୍ ଗାଁ ପଞ୍ଚାୟତର ଜିଆର୍‌ଏସ୍, ପିଇଓ, ଏପିଓ ଏବଂ କନିଷ୍ଠ ଯନ୍ତ୍ରୀ ସାମିଲ ଥିବାବେଳେ ଏବେ ତତ୍କାଳୀନ କାଶୀପୁର ବିଡିଓ ଗୌର ଚନ୍ଦ୍ର ପଟ୍ଟନାୟକଙ୍କ ପ୍ରତି ମଧ୍ୟ ଅଙ୍ଗୁଳି ଉଠୁଛି। ବିଡିଓ ଏବଂ ସହକାରୀ ଯନ୍ତ୍ରୀଙ୍କ ବିନା ଅନୁମତିରେ ୱାର୍କ ଅର୍ଡର ଏବଂ ଖର୍ଚ୍ଚ ଅସମ୍ଭବ। ତେଣୁ ବିଡିଓଙ୍କ ଅଜାଣତରେ ଏତେ ଟଙ୍କାର ଦୁର୍ନୀତି ହେବା ସମ୍ଭବ ନୁହେଁ ବୋଲି ବ୍ଲକ ବାସିନ୍ଦା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏହି ଦୁର୍ନୀତିକୁ ତତ୍କାଳୀନ ବିଡିଓ ଗୌର ଚନ୍ଦ୍ର ପଟ୍ଟନାୟକ ସ୍ୱୀକାର କରିବା ସହ ତାଙ୍କ ଅଜାଣତରେ ଏହା ହୋଇଥିବା କହିଛନ୍ତି। ତତ୍କାଳୀନ ବିଡିଓ ପଟ୍ଟନାୟକ ଏବେ ରାୟଗଡ଼ା ଜିଲା କୋଲନରା ବ୍ଲକରେ ବିଡିଓ ଦାୟିତ୍ୱରେ ଅଛନ୍ତି। ସେ ଏହି ଦୁର୍ନୀତିର ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି କହିଛନ୍ତି। ରାଜ୍ୟରେ ଦୁର୍ନୀତିକୁ ରୋକିବା ପାଇଁ ୫-ଟି କାର୍ଯ୍ୟକାରୀ ହୋଇଛି। ହେଲେ ଏହାକୁ ଖାତିର ନ କରି ଦୁର୍ନୀତି କରିବା କିଭଳି ସହଜ ହେଉଛି ବୋଲି ପ୍ରଶ୍ନ ଉଠିଛି। ୨୦୨୦-୨୧ ଏବଂ ୨୦୨୧-୨୨ରେ କରୋନା ସମୟରେ କାଶୀପୁର ବ୍ଲକରେ ବ୍ୟାପକ ଅନିୟମିତତା କରି ୧୦ ଲକ୍ଷ ୨୬ ହଜାର ୧୬୦ ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ ଆସିବା ପରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅମ୍ବୁଡ୍‌ସମ୍ୟାନ୍ ଲକ୍ଷ୍ମୀନାରାୟଣ ପାଢ଼ୀ କ୍ଷେତ୍ର ପରିଦର୍ଶନ କରି ତଦନ୍ତ କରିଥିଲେ। ତଦନ୍ତରୁ ୩ ପୃଥକ ୱାର୍କ ଅର୍ଡରରେ ବିନା କାମରେ ଟଙ୍କା ହଡ଼ପ କରାଯାଇଥିବା ସେ ଜାଣିବାକୁ ପାଇଥିଲେ। ଏପରିକି ଏ ନେଇ ନଥିପତ୍ର ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ୱେବସାଇଟ୍‌ରେ ମଧ୍ୟ ମିଥ୍ୟା ସୂଚନା ଦିଆଯାଇଥିବା ଅମ୍ବୁଡ୍‌ସମ୍ୟାନ୍ ପାଢ଼ୀ ପ୍ରକାଶ କରିଛନ୍ତି। ଏହି ସବୁ ତଥ୍ୟ ଏବଂ ପ୍ରମାଣକୁ ଆଧାର କରି ଅମ୍ବୁଡ୍‌ସମ୍ୟାନ୍ ଏକ ରିପୋର୍ଟ ପ୍ରସ୍ତୁତ କରି ଦୁର୍ନୀତିଗ୍ରସ୍ତ କର୍ମଚାରୀ ଏବଂ ଅଧିକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ ଥାନାରେ ଏତଲା ଦେଇଛନ୍ତି। ଦୁର୍ନୀତିରେ ସମ୍ପୃକ୍ତ ଲୋକଙ୍କୁ ଗିରଫ କରିବା ସହ ଅନୁଦାନ ଆଦାୟ କରିବା ପାଇଁ ସେ ସୁପାରିସ କରିଛନ୍ତି। ତେବେ ଏହି ଦୁର୍ନୀତିର ନିରପେକ୍ଷ ତଦନ୍ତ କରାଯାଇ ସମସ୍ତ ସମ୍ପୃକ୍ତଙ୍କ ନାମ ପଦାକୁ ଅଣାଯିବ ବୋଲି ଅଞ୍ଚଳର ବୁଦ୍ଧିଜୀବୀ ଆଶା ପ୍ରକାଶ କରିଛନ୍ତି।

# ପାଣି ଅଭାବରୁ ଅମଳ ହୋଇପାରୁନି ଖରିଫ ଧାନ

ରାୟଗଡ଼ା ଅଫିସ, ୧୩।୧୧



- ଟଙ୍କା ଦେଇ ମଧ ଖୋଳୁନାହାନ୍ତି ବୋରୱେଲ
- ମାଟି ଫାଟି ଆଁ କରିଛି
- ଶୀଘ୍ର ବୋରୱେଲ ଖନନ ଦାବି

ଉଠା ଜଳସେଚନ ବିଭାଗର ବୋରୱେଲ୍ ଖନନ ବିଜ୍ଞାପନକୁ ନେଇ ରାୟଗଡ଼ା ଜିଲା ସଦର ବ୍ଲକ ପେଣ୍ଟା ଗ୍ରାମର ଚାଷୀ ଟଙ୍କା ଜମା କରିଥିଲେ। ହେଲେ ବର୍ଷ ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟକାରୀ ହେଉନାହିଁ। ଫଳରେ ଚାଷ ଜମିକୁ ପାଣି ମାତ୍ରୁ ନ ଥିବାରୁ ଖରିଫ ଫସଲ ଅମଳ ହୋଇପାରୁନାହିଁ। ଚାଷୀ ନିଜ ସମସ୍ୟାକୁ ନେଇ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଶୀଘ୍ର ବୋରୱେଲ୍ ଖନନ ପାଇଁ ଦାବି କରିଛନ୍ତି।

ଏବେ ଖରିଫ ଋତୁରେ ଧାନଚାଷ ହୋଇଥିବାବେଳେ ପାଣି ଅଭାବରୁ ମାଟି ଫାଟି ଆଁ କରିଛି। ଧାନ ଫସଲ ଏବେ ଅଗାଡ଼ି ହୋଇଛି। ଚାଷୀ ଋଣ କରି ଏକର ଏକର ଜମିରେ ଧାନଚାଷ କରିଥିବାବେଳେ ଏବେ ତାହା କିପରି ଶୁଖିବେ ଏବଂ ପରିବାର କିଭଳି ଚଳିବ ଚାଷୀ ସେହି ଚିନ୍ତାରେ ଅଛନ୍ତି। ଚାଷ ଜମିକୁ ଜଳସେଚନର ସୁବିଧା ରହିଥିଲେ ମଧ୍ୟ ଜମିକୁ ପାଣି ଅଣ୍ଟୁନି। ବିଭାଗର ବୋରୱେଲ୍ ପ୍ରକଳ୍ପକୁ ଆଶା କରି ଚାଷୀ ହନ୍ତସନ୍ତ ହେଉଥିବା ବେଳେ ଚାଷ ଜମିକୁ ପାଣି ଯୋଗାଇବା ସରକାରଙ୍କ ଦୟା ନା ଚାଷୀଙ୍କ ଅଧିକାର ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ସୂଚନାଯୋଗ୍ୟ, ବୋରୱେଲ୍ ନିମନ୍ତେ ବିଭାଗର ବିଜ୍ଞାପନ ଦେଖି ପେଣ୍ଟା ଗ୍ରାମର ୧୩ ଚାଷୀଙ୍କ ସମେତ ଜିଲାର ୮୦ରୁ ଊର୍ଦ୍ଧ୍ୱ ଚାଷୀ ୨୦୧୯-୨୦ରେ ରାୟଗଡ଼ା ଜିଲା ଉଠା ଜଳ ସେଚନ ବିଭାଗ କାର୍ଯ୍ୟାଳୟ, ଗୁଣପୁର ନିର୍ବାହୀ ଯନ୍ତ୍ରୀଙ୍କ ନାମରେ ୧୦ ହଜାରରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଟଙ୍କା ଜମା କରିଥିଲେ। ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ବୋରୱେଲ୍ ଖନନ କରାଯାଉ ନ ଥିବାରୁ ଚାଷୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ପ୍ରକଳ୍ପ କାର୍ଯ୍ୟକାରୀ ନିମନ୍ତେ ୨୦୨୧ ରେ ଟେଣ୍ଡର ଡକାହୋଇ ସାରିଥିବା ବେଳେ ଉଚ୍ଚସ୍ତରୀୟ କମିଟି ଦ୍ୱାରା ବୋରୱେଲ ଖନନ ପ୍ରକଳ୍ପ କାର୍ଯ୍ୟକାରୀ ସ୍ଥଗିତ ରଖାଯାଇଛି ବୋଲି ରାୟଗଡ଼ା ଅଫିସର ସହକାରୀ ନିର୍ବାହୀ ଯନ୍ତ୍ରୀ ସୂଚନା ଦେଇଛନ୍ତି।

## ଭାଜପା ପକ୍ଷରୁ ଥାନାରେ ଏତଲା ରାଷ୍ଟ୍ରପତିଙ୍କ ବିରୋଧରେ ମନ୍ତବ୍ୟର ପ୍ରତିବାଦ

ଗୁଣପୁର,୧୩।୧୧(ଡି.ଏନ୍.ଏ.)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବିରୋଧରେ କଟୁ ଏବଂ ଅଶାଳୀନ ମନ୍ତବ୍ୟ ପ୍ରତିବାଦରେ ରାୟଗଡ଼ା ଜିଲା ଗୁଣପୁର ଭାଜପା ପକ୍ଷରୁ ରବିବାର ଥାନାରେ ଏତଲା ଦିଆଯାଇଛି। ଗୁଣପୁର ଏସ୍‌ଡିପିଓ ବିକାଶ ଚନ୍ଦ୍ର ଦେହୁରୀଙ୍କ ଉପସ୍ଥିତିରେ ଆଦାର୍ଶ ଥାନା ଅଧିକାରୀ ନୀଳାମ୍ବର ଜାନିଙ୍କୁ ଏତଲା ପ୍ରଦାନ କରାଯାଇଛି। ସୂଚନଯୋଗ୍ୟ, ପଶ୍ଚିମବଙ୍ଗର ମନ୍ତ୍ରୀ ଅଖିଳ ଗିରି ରାଷ୍ଟ୍ରପତିଙ୍କ ବିରୋଧରେ ତାଚ୍ଛଲ୍ୟ, ଅଭଦ୍ର ଏବଂ କଟୁ ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ସମଗ୍ର ଦେଶରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଟିଏମସି ମନ୍ତ୍ରୀ ଗିରିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଭାଜପା ଦାବି କରିଛି। ତୁରନ୍ତ ମନ୍ତ୍ରୀଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ କରି ଗିରଫ କରାଯିବା ପାଇଁ ଦାବି ହୋଇଛି।



ଏତଲା ଦିଆଯିବା ସମୟରେ ଭାଜପାର ଜିଲା ଉପସଭାପତି ୱାଇ. ଗଣପତି, ଆଦିବାସୀ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ବିଦ୍ୟାଧର ଶବର, ଜଗନ୍ନାଥପୁର ଗ୍ରାମୀଣ ମଣ୍ଡଳ ସଭାପତି ପୃଥ୍ୱୀରାଜ ପାଢ଼ୀ, ଅମର ସାହୁ ଏବଂ ଟିଙ୍କୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ନଦୀରେ ନିଖୋଜ ଛାତ୍ରର ମୃତଦେହ ଜବତ

ପାରଳାଖେମୁଣ୍ଡି,୧୩।୧୧(ଡି.ଏନ୍.ଏ.)

କାଶୀନଗର ବ୍ଲକ ବଂଶଧାରା ନଦୀରେ ବୁଡ଼ି ନିଖୋଜ ହୋଇଥିବା ଛାତ୍ରର ମୃତଦେହ ରବିବାର ପୋଲିସ ଜବତ କରିଛି। ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ଶନିବାର କାଶୀନଗର ୧୦ନଂ ୱାର୍ଡର ବି.ଭାସ୍କରଙ୍କ ପୁଅ ବି. ଆକାଶ ସ୍ନାନ ପାଇଁ ନଦୀକୁ ଯାଇଥିବା ବେଳେ ବୁଡ଼ିଯାଇଥିଲେ। ଦୁଇଦିନ ଧରି ଖୋଜାଖୋଜି ପରେ ଅଗ୍ନିଶମ କର୍ମଚାରୀମାନେ ପାଣିରୁ ମୃତଦେହ ବାହାର କରିଥିଲେ। ଏ ନେଇ କାଶୀନଗର ଥାନାରେ ନଂ. ୯/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ସୁଶାନ୍ତ ସାହୁ ସୂଚନା ଦେଇଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
rgdselfie@gmail.com



@ ଭକ୍ତ



@ ବସନ୍ତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନିଖିଳ ଭାରତ ସମନ୍ୱୟ ସମିତି ବୈଠକ

ରାଇଘର/ଉମରକୋଟ, ୧୩।୧୧(ଡି.ଏନ୍.ଏ./ସ୍ୱ.ପ୍ର.)



ବୈଠକରେ ମଞ୍ଚାସୀନ ଅତିଥି।

ନିଖିଳ ଭାରତ ସମନ୍ୱୟ ସମିତିର ବୈଠକ ନବରଙ୍ଗପୁର ଜିଲା ରାଇଘର ବ୍ଲକ ବଙ୍ଗିୟ ଡୁମରିମୁଣ୍ଡ ଗ୍ରାମରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୩ ଗ୍ରାମର ସଭାପତି, ସମ୍ପାଦକ ଏବଂ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ତପନ ପାଲ୍‌ଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ସର୍ବ ଭାରତୀୟ ସଭାପତି ସୁବୋଧ ବିଶ୍ୱାସ ଏବଂ ସମ୍ମାନିତ ଅତିଥି ରୂପେ ନିଖିଳ ଭାରତ ସମନ୍ୱୟ ସମିତିର ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ନିମାଇଁ ସରକାର ଉପସ୍ଥିତ ଥିଲେ। ବିଭିନ୍ନ ବକ୍ତା ନିଜର ବକ୍ତବ୍ୟ ମାଧ୍ୟମରେ ବଙ୍ଗଳା ଭାଷାଭାଷୀ ଲୋକଙ୍କର ମୌଳିକ ଅଧିକାର ଓ ସମସ୍ୟା ଉପରେ ଆଲୋକପାତ କରିଥିଲେ। ବିଶେଷ କରି ବଙ୍ଗଳା ଭାଷା କିପରି ପ୍ରଚଳନ ହୋଇପାରିବ ଏବଂ ପ୍ରତି ବିଦ୍ୟାଳୟରେ କିପରି ପାଠପଢ଼ା ଆରମ୍ଭ ହୋଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ପ୍ରତ୍ୟେକ ବ୍ୟକ୍ତି ନିଜକୁ ଆଦର୍ଶ ରୂପେ ଗଠନ କରିପାରିବେ ସେ ନେଇ ଆଲୋଚନା ହୋଇଥିଲା।

ସଭାରେ ନବରଙ୍ଗପୁର ଜିଲା କମିଟି ମଧ୍ୟ ଗଠନ କରାଯାଇଛି। ନୂତନ କମିଟିର ସଭାପତି ଭାବେ ଓକିଲ ତପନ ଦେବନାଥଙ୍କୁ ମନୋନୀତ କରାଯାଇଛି। ସେହିପରି ଉପସଭାପତି ରୂପେ ସଞ୍ଜିତ ମଣ୍ଡଳ, ବିଶ୍ୱନାଥ ସିଲ, କମଳ ବାଛାର, ବିକାଶ ମିସ୍ତ୍ରୀ, ଚିତ୍ତରଞ୍ଜନ ଢାଲି ଏବଂ ତପନ ଗାଇନଙ୍କୁ ମନୋନୀତ କରାଯାଇଛି। ସାଧାରଣ ସମ୍ପାଦକ ରୂପେ ଓକିଲ କମଳ ଗାଇନ ଓ ସଙ୍ଗଠନ ସମ୍ପାଦକ ରୂପେ ମାନସ ଭୌମିକ, ସମ୍ପାଦକ ସଞ୍ଜିତ ବିଶାସ, ସନ୍ତୋଷ ସରକାର, ଜଗନ୍ନାଥ ମଣ୍ଡଳ, ଭବତୋଷ ମଣ୍ଡଳ, ସୁବ୍ରତ ବିଶାସ, କାଳାଚାନ୍ଦ ରାୟ, ମୃଣାଳ ହାଲଦାର ଓ ବିଶ୍ୱନାଥ ବଶ୍ୱାସ, କୋଷାଧ୍ୟକ୍ଷ ଭାବେ ବିଶ୍ୱଦେବ ବିଶ୍ୱାସ, ଯୁବ ସମ୍ପାଦକ ଭାବେ ମୁନ୍ନା ଡାକୁଆ ଓ ସୁଦେବ ନନ୍ଦି, ମିଡ଼ିଆ ସେଲ ସମ୍ପାଦକ ରୂପେ କାର୍ତ୍ତିକ ମଲ୍ଲିକ ଏବଂ ସାଂସ୍କୃତିକ ସମ୍ପାଦକ ଭାବେ ସନ୍ତୋଷ ସୁତ୍ରଧର ଓ ପୂର୍ଣ୍ଣ ବିଶ୍ୱାସଙ୍କୁ ଚୟନ କରାଯାଇଛି।

## ପିଲାଙ୍କୁ ମୋବାଇଲ ନ ଦେବାକୁ ଅନୁରୋଧ

### ନବୋଦୟ ବିଦ୍ୟାଳୟରେ ଅଭିଭାବକ ସମ୍ମିଳନୀ

ରାୟଗଡ଼ା ଅଫିସ,୧୩।୧୧

ରାୟଗଡ଼ା ଜିଲା ଥେରୁବାଲି ନିକଟସ୍ଥ ବୁର୍ଲୁଗୁଡ଼ା ନବୋଦୟ ବିଦ୍ୟାଳୟରେ ଅଭିଭାବକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ନୂତନ ଅଧ୍ୟକ୍ଷା ରମଣୀ କାର୍ତ୍ତିୟାୟିନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ୨ ଶହରୁ ଊର୍ଦ୍ଧ୍ୱ ଅଭିଭାବକ ଯୋଗ ଦେଇଥିଲେ। ବିଦ୍ୟାଳୟରେ ଅଧ୍ୟକ୍ଷା କାର୍ଯ୍ୟରେ ଯୋଗ ଦେବାପରେ ଏହା ପ୍ରଥମ ଅଭିଭାବକ ସମ୍ମିଳନୀ ଥିଲା।

ସମ୍ମିଳନୀରେ ଛାତ୍ରୀଛାତ୍ରଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ବୌଦ୍ଧିକ ବିକାଶ କ୍ଷେତ୍ରରେ କିଭଳି ଉନ୍ନତି ହୋଇପାରିବ ସେ ନେଇ କେତେଜଣ ଅଭିଭାବକ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଅଭିଭାବକ ଶିକ୍ଷକ ସଂଘ ନିମନ୍ତେ ଷଷ୍ଠ ଓ ଏକାଦଶ ଶ୍ରେଣୀର ଅଭିଭାବକ ଚୟନ କରାଯାଇଥିଲା। ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ପାଠପଢ଼ା ଏବଂ ଅନ୍ୟ ଯେକୌଣସି ଅସୁବିଧା ରହିଲେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅବଗତ କରିବାକୁ କ୍ରୀଡ଼ା ଶିକ୍ଷୟିତ୍ରୀ ବନ୍ଦିତା ନାୟକ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ମୋବାଇଲ ଯୋଗୁ ପିଲାଙ୍କ ଶିକ୍ଷାରେ ବାଧା ସୃଷ୍ଟି ହେଉଥିବାରୁ ସେମାନଙ୍କୁ ମୋବାଇଲ ନ ଦେବା ପାଇଁ ଅଭିଭାବକଙ୍କୁ ଅନୁରୋଧ କରାଯାଇଥିଲା। ଶେଷରେ ବିଦ୍ୟାଳୟ ଉପାଧ୍ୟକ୍ଷ ଶୁଭଦୀପ ଶାହା ସମସ୍ତ ଅଭିଭାବକଙ୍କୁ ଧନ୍ୟବାଦ ଦେଇଥିଲେ।




ସମ୍ମିଳନୀରେ ଉପସ୍ଥିତ ବିଦ୍ୟାଳୟର ଅଧ୍ୟକ୍ଷା, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକ।

# ସାହିତ୍ୟିକ ଭାଗୀରଥିଙ୍କ ରଚନା ପାଠ୍ୟକ୍ରମରେ ସ୍ଥାନିତ ହେବା ଉଚିତ

ନବରଙ୍ଗପୁର,୧୩।୧୧(ବି.ପ୍ର.)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

- ଭାଗୀରଥି ପାତ୍ରଙ୍କ ୮୪ତମ ଜୟନ୍ତୀ
- ଅଶୋକ ପଟ୍ଟନାୟକଙ୍କୁ ଭାଗୀରଥି ସମ୍ମାନ

ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଭାଗିରଥି ସ୍ମୃତି ସଂସଦ ସହଯୋଗରେ ସ୍ଥାନୀୟ ରାଜା ଚୈତନ୍ୟ ଦେବ ନୋଡାଲ ସରକାରୀ ହାଇସ୍କୁଲ ପରିସରରେ ସାହିତ୍ୟିକ ଭାଗୀରଥି ପାତ୍ରଙ୍କ ୮୪ ତମ ଜୟନ୍ତୀ ସମାରୋହ, ସ୍ମୃତିସଭା ଓ ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଜିଲା ଓ ଦୌରାଜଜ୍ ସଞ୍ଜୀବ ଦୁବେ ଯୋଗଦେଇ ସାହିତ୍ୟିକ ଭାଗିରଥି ପାତ୍ରଙ୍କ ହାତଲେଖା ମାସିକ ପତ୍ରିକା 'ଶୈଶବ', ତାଙ୍କ ସାହିତ୍ୟ ସଙ୍ଗଠନ ଓ କୃତୀ ଷାଠିଏ ଦଶକରେ ଓଡ଼ିଶାର ସାହିତ୍ୟ କ୍ଷେତ୍ରକୁ ଆଗେଇ ନେଇଥିଲା ଏବଂ ତାହା ଏ ପର୍ଯ୍ୟନ୍ତ ଉଜ୍ଜୀବିତ ରହିଛି ବୋଲି କହିଥିଲେ। ସ୍ୱର୍ଗତ ପାତ୍ରଙ୍କ ଜୀବନି ଓ ରଚନା ବିଦ୍ୟାଳୟର ପାଠ୍ୟକ୍ରମରେ ସ୍ଥାନିତ ହେବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ।

ମୁଖ୍ୟବକ୍ତା ଭାବେ ନବରଙ୍ଗପୁର ପରିବାର ଅଦାଲତର ବିଚାରପତି ମୁନରାଣୀ ମିଶ୍ର ଯୋଗଦେଇ ଭାଗୀରଥିଙ୍କ ସାମଗ୍ରିକ କୃତୀ ବିଷୟରେ ଏବଂ ଏକାଡେମୀ ସଦସ୍ୟ ବଲ୍ଲଭ କୁମାର ରାଉତ ଅଧ୍ୟକ୍ଷତା କରି ଭାଗୀରଥି ସାହିତ୍ୟର ଆଲୋଚନା କରିଥିଲେ। ସାହିତ୍ୟ ଏକାଡେମୀ କାର୍ଯ୍ୟକାରିଣୀ ସଦସ୍ୟ ତଥା ନବରଙ୍ଗପୁର ଏସ୍‌ଡିପିଓ ଚନ୍ଦ୍ରଶେଖର ହୋତା, ଅବସରପ୍ରାପ୍ତ ପ୍ରାଧାପକ ବିଜୟ କୁମାର ମିଶ୍ର ଯୋଗଦେଇ ଭାଗୀରଥି ପାତ୍ର ଉପାନ୍ତ ଅବିଭକ୍ତ କୋରାପୁଟ ଅଞ୍ଚଳର ସୀମାନ୍ତର ପ୍ରହରୀ ଥିଲେ ବୋଲି କହିଥିଲେ। ନବରଙ୍ଗପୁରର ବରିଷ୍ଠ ଦେୱାନୀ ବିଚାରପତି ଅନ୍ନପୂର୍ଣ୍ଣା ନାୟକ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାଗୀରଥିଙ୍କ ସାହିତ୍ୟରେ ପତିତ ଭାଷାର ବ୍ୟବହାର ସମ୍ବନ୍ଧରେ ଆଲୋକପାତ କରିଥିଲେ। ସାମାଜିକକର୍ମୀ ଜଗନ୍ନାଥ ମହାପାତ୍ର, ନାରାୟଣ ପାତ୍ର ଓ କବି ବିଜୟ ଚୌଧୁରୀ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ନବରଙ୍ଗପୁର ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ଶୁଭେଚ୍ଛା ବାର୍ତ୍ତାକୁ ଗୋପାଳ କୃଷ୍ଣ ପାଣିଗ୍ରାହୀ ପାଠ କରିଥିଲେ। ଚଳିତ ବର୍ଷର ଭାଗୀରଥି ସମ୍ମାନ କବି, ଗାଳ୍ପିକ ତଥା ନାଟ୍ୟକାର ଅଶୋକ କୁମାର ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଥିଲା। ଆଇନଜୀବୀ କିଶୋରୀ ପଟ୍ଟନାୟକ ମାନପତ୍ର ପାଠ କରିଥିଲେ। ପ୍ରାରମ୍ଭରେ କବୟିତ୍ରୀ ପ୍ରଭାତୀ ଦେବନାଥ ସ୍ୱାଗତ ଭାଷଣ ଓ ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ନବରଙ୍ଗପୁର ଜିଲା ଅଦାଲତର ଅତିରିକ୍ତ ଜିଲାଜଜ୍ ପ୍ରଣତୀ ଶାହା, ଅତିରିକ୍ତ ଜିଲାଜଜ୍ ଶିବ ପ୍ରସାଦ ମିଶ୍ର ଓ ରେଜିଷ୍ଟ୍ରାର ସୁକାନ୍ତ କିଶୋର ଜେନା ଯୋଗ ଦେଇଥିଲେ। ଭାଗୀରଥିଙ୍କ ପ୍ରତିକୃତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିବାପରେ ସାଇ କେୟାର ଶିକ୍ଷାନୁଷ୍ଠାନର ଛାତ୍ରୀମାନେ ଉତ୍କଳ ବନ୍ଦନା ପରିବେଷଣ କରିଥିଲେ। ଟେଲି ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ସ୍ମୃତି ସଂସଦର ସମ୍ପାଦକ ରାମ ପ୍ରସାଦ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜା ଚୈତନ୍ୟ ଦେବ ନୋଡାଲ ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରିୟା ନାୟକ, ବୃନ୍ଦାବନ ପାଢ଼ୀ, ନମିତା ପାତ୍ର, ଧରିତ୍ରୀ ପଣ୍ଡା, କିଶୋର ପଟ୍ଟନାୟକ, ସୁବାସ ଚନ୍ଦ୍ର ବିଶୋଇ, ପଦ୍ମାଳୟା ପାତ୍ର, ବର୍ଷା ପ୍ରିୟଦର୍ଶିନୀ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗଦୀଶ ଚନ୍ଦ୍ର ତ୍ରିପାଠୀ, ଜେମାମଣି ବିଶୋଇ, ସଦାଶିବ ସାହୁ, ପର୍ଶୁରାମ ସାହୁ, ଦେବୀ ପ୍ରସାଦ ପଣ୍ଡା, ବାଣୀ ଆଚାର୍ଯ୍ୟ, ସିଦ୍ଧିଶ୍ରୀ ପଣ୍ଡା, ରେଣୁକା ଆଚାର୍ଯ୍ୟ,ପ୍ରମୁଖ କବି ଓ ସାହିତ୍ୟ ପ୍ରେମୀ ଯୋଗ ଦେଇଥିଲେ।

# ଟେକ୍ନୋ ଗୁରୁକୁଳ ବିଦ୍ୟାଳୟରେ ବିଜ୍ଞାନ ମେଳା

ନବରଙ୍ଗପୁର,୧୩।୧୧(ବି.ପ୍ର.)

### ସରକାରୀ ବିଜ୍ଞାନ ମେଳାରେ ଘରୋଇ ସ୍କୁଲ ପିଲାଙ୍କୁ ସାମିଲ ଦାବି

ନବରଙ୍ଗପୁର ସହର ସ୍ଥିତ ଟେକ୍ନୋ ଗୁରୁକୁଳ ଶିକ୍ଷାନୁଷ୍ଠାନରେ ପ୍ରଥମ ଥର ପାଇଁ ବିଜ୍ଞାନ ମେଳା ରବିବାର ଅନୁଷ୍ଠିତ ହେଇଯାଇଛି। ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ବିଧାୟକ ବିଦ୍ୟାଳୟରେ ହେଇଥିବା ବିଜ୍ଞାନ ମେଳା ପରିଦର୍ଶନ କରିବା ସହ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରକଳ୍ପ ବିଷୟରେ ପଚାରି ବୁଝିଥିଲେ। ପିଲାଙ୍କ ବିଜ୍ଞାନ କ୍ଷେତ୍ରରେ ପ୍ରତିଭା ଦେଖି ସେ ଖୁସି ବ୍ୟକ୍ତ କରିଥିଲେ। ୭୨ ଛାତ୍ରୀଛାତ୍ର ମେଳାରେ ଅଂଶଗ୍ରହଣ କରିଥିଲେ। ସେହିଭଳି ଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ ଦୁଇ ଅଧିକାରୀ ଓଁକାର ପଟ୍ଟନାୟକ, ଚିତ୍ତରଞ୍ଜନ ପଟ୍ଟନାୟକ ଉପସ୍ଥିତ ରହି ବିଜ୍ଞାନ ମେଳାରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ପ୍ରକଳ୍ପ ଗୁଡ଼ିକର ବିଚାର କରି ନମ୍ବର ଦେଇଥିଲେ। ଅନ୍ୟପକ୍ଷରେ ବେସରକାରୀ ବିଦ୍ୟାଳୟ ସରକାରଙ୍କ ନିୟମ ଅନୁଯାୟୀ ଚାଲିଥିଲେ ମଧ୍ୟ ବେସରକାରୀ ବିଦ୍ୟାଳୟର ପିଲାଙ୍କୁ ସରକାରୀ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବାରୁ ବଞ୍ଚିତ ରଖାଯାଉଥିବା ବିଦ୍ୟାଳୟର ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ଏଥିସହ ବେସରକାରୀ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରୀଙ୍କୁ ସରକାରୀ ବିଜ୍ଞାନ ମେଳାରେ ସ୍ଥାନ ଦେବା ପାଇଁ ଅନୁରୋଧ କରିଛନ୍ତି।



ବିଧାୟକ ଛାତ୍ରୀଛାତ୍ରଙ୍କୁ ପ୍ରକଳ୍ପ ବିଷୟରେ ପଚାରି ବୁଝୁଛନ୍ତି।

## ସଂକ୍ଷେପରେ

### ଲକ୍ଷ୍ମୀପୁରରେ ଦିଆଲି ଭେଟଘାଟ

ଲକ୍ଷ୍ମୀପୁର, ୧୩।୧୧ (ସ୍ୱ.ପ୍ର.)-କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ନିଶାର ଫାର୍ମଠାରେ ନିର୍ବାଚନମଣ୍ଡଳୀ ସ୍ତରୀୟ ଦିଆଲି ପରବ ଭେଟଘାଟ ଅନୁଷ୍ଠିତ ହୋଛି। ଏଥିରେ ମୁଖ୍ୟଅତିଥି ଭାବେ କୋରାପୁଟ ଜିଲା ପରିଷଦ ଅଧକ୍ଷା ସସ୍ମିତା ମେଲେକା , ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରଭୁ ଜାନି, ପୂର୍ବତନ ଏମ୍ପି ଝିନ ହିକକା, ପୂର୍ବତନ ବିଧାୟକ କୃଷ୍ଣ ସାଗରିଆଙ୍କ ସହ ୪ଟି ବ୍ଲକର ଜନ ପ୍ରତିନିଧି,କୁଇସମାଜର କୁଇ ସମାଜ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଲକ୍ଷ୍ମୀପୁର ଯୁବ ସଭାପତି ରଞ୍ଜନ ଖରା, ଏବଂ ଶଙ୍କର ସଉନ୍ତା। ଏହାକୁ ପରିଚାଳନା କରିଥିଲେ।

### ଜନସେବା କେନ୍ଦ୍ରରେ ଠକେଇ, ଥାନାରେ ଏତଲା

ଚିତ୍ରକୋଣ୍ଡା,୧୩।୧୧(ଡି.ଏନ.ଏ.)-ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଏସ୍‌ଡିପିଓ ଆରସେଲ କିସପୋଟାଙ୍କ ନିକଟରେ ଜନସେବା କେନ୍ଦ୍ରରେ ଠକେଇ ହେଉଥିବା ନେଇ ଅଭିଯୋଗ ହୋଇଛି। ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳ ଅନ୍ତର୍ଗତ ବଡପଡା ପଞ୍ଚାୟତ ଜାନବାଇଠାରେ ଜାନବାଇ ଗ୍ରାମର ତରୁଣ ଶାହା(୨୦) ଏକ ଘରୋଇ ଜନସେବା କେନ୍ଦ୍ରରେ କାର୍ଯ୍ୟ କରୁଥିଲେ। ସେ ଗତ କିଛି ଦିନ ହେଲା ଜନସାଧାରଣଙ୍କଠାରୁ ଟଙ୍କା ଉଠାଣ ବେଳେ ଠକେଇ କରୁଥିବା ଅଭିଯୋଗ ହୋଇଛି। ସ୍ୱାଭିମାନ ଅଞ୍ଚଳର ୪ଜଣଙ୍କଠାରୁ ଜନସେବା କେନ୍ଦ୍ର ମାଧ୍ୟମରେ ଠକେଇ ହୋଇଥିବା ନେଇ ବରଡ଼ାବନ୍ଧ ଗ୍ରାମର କନ୍ଦ୍ରା ଖରା, ପଣଷଗନ୍ଧି ଗ୍ରାମର ପଦ୍ମା କିରସାନି, ମୁଡମ ପୂରଣ ଓ ପାପରମେଟେଲା ଗ୍ରାମର ପୂର୍ଣ୍ଣିମା ଖରା ପାପରମେଟେଲା ଥାନାରେ ତରୁଣ ଶାହାଙ୍କ ନାମରେ ଏତଲା ଦେଇଛନ୍ତି। ଏହାକୁ ଭିତିକରି ପାପରମେଟେଲା ଥାନା ଅଧିକାରୀ ରଜନୀକାନ୍ତ ଦୀପ କେସ୍ ନଂ. ୧୬/୨୨,୧୭/୨୨,୧୮/୨୨ ଏବଂ ୧୯/୨୦୨୨ ଅନୁଯାୟୀ ଅଭିଯୁକ୍ତ ତରୁଣ ଶାହାଙ୍କୁ ଗିରଫ କରିଛନ୍ତି। ତରୁଣ ସେମାନଙ୍କ ଆଧାର କାର୍ଡ ନମ୍ବର ଓ ଟିପ ଚିହ୍ନ ନେଇ ସେମାନଙ୍କ ଆକାଉଣ୍ଟରେ ବାଲାନ୍ସ କମ ଥିବା କହି ଟଙ୍କା ବାଟମାରଣା କରିଥିବା ଅଭିଯୋଗ ହୋଇଥିଲା। ଏଭଳି ୪ଜଣଙ୍କ ଆକାଉଣ୍ଟରୁ ସେ ୨୦ ହଜାର ଟଙ୍କା ଠକେଇ କରିଥିବା ଜଣାପଡିଛି। ରବିବାର ତରୁଣଙ୍କୁ ଚିତ୍ରକୋଣ୍ଡା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେହିପରି ଗତ ମେ ମାସରେ କୁରୁମାନୁର କିଓସ୍କୋ ବ୍ୟାଙ୍କରେ ହୋଇଥିବା ଏକ ଠକେଇ ଘଟଣା ପଦାକୁ ଆସିଛି। ଏପରି ଚିତ୍ରକୋଣ୍ଡା ଅଞ୍ଚଳରେ ଥିବା ବିଭିନ୍ନ ଗ୍ରାହକ ଜନସେବା କେନ୍ଦ୍ରରେ ଆଦିବାସୀ ଜନସାଧାରଣଙ୍କୁ ଠକେଇ କରାଯାଉଥିବା ଅଭିଯୋଗ ହୋଇଆସୁଛି। ପ୍ରମାଣ ଅଭାବରୁ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରୁନି ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

### ଘର ନ ଛାଡ଼ିବାରୁ ମହିଳାଙ୍କୁ ହତ୍ୟା ଉଦ୍ୟମ

ବ୍ରହ୍ମପୁର ଅଫିସ,୧୩।୧୧: ଭଡ଼ାରେ ରହୁଥିବା ଜଣେ ମହିଳା ଘର ନ ଛାଡ଼ିବାରୁ ତାଙ୍କୁ ହତ୍ୟା ଉଦ୍ୟମ କରାଯାଇଥିଲା। ଏନେଇ ଅଭିଯୋଗ ହେବା ପରେ ଟାଉନ ଥାନା ପୋଲିସ ସମ୍ପୃକ୍ତ ଗୃହକର୍ତ୍ତାଙ୍କୁ ଗିରଫ କରିଛି। ସେ ହେଲେ ଗାନ୍ଧୀନଗର ତୃତୀୟ ଲାଇନ୍‌ରେ ରହୁଥିବା ସର୍ବେଶ୍ୱର ଦାସ ଓରଫ ବୁଢ଼ା (୪୨)। ପୋଲିସ ଘଟଣାବେଳେ ଅଭିଯୁକ୍ତ ବ୍ୟବହାର କରିଥିବା ଛଡ଼ ଓ ପ୍ଲାଷ୍ଟିକ ଦଉଡ଼ି ଜବତ କରିଛି। ମାମଲା ନଂ. ୩୩୩/୨୨ରେ ପୋଲିସ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରିଛି। ସର୍ବେଶ୍ୱରଙ୍କ ଘରେ ଶାରଦା ବେହେରା ନାମକ ମହିଳା କିଛିବର୍ଷ ହେଲା ଭଡ଼ାରେ ରହୁଥିଲେ। ସେ ଗତ କିଛିମାସ ହେଲା ଘରଭଡ଼ା ଦେଇ ନ ଥିବାରୁ ଗୃହକର୍ତ୍ତା ସର୍ବେଶ୍ୱର ତାଙ୍କୁ ଘର ଛାଡ଼ିବାକୁ ବାରମ୍ବାର କହି ଆସୁଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଶନିବାର ସନ୍ଧ୍ୟାରେ ଗଣ୍ଡଗୋଳ ହୋଇଥିଲା। ସର୍ବେଶ୍ୱର ଶାରଦାଙ୍କ ଚୁଟି ଧରି କାନ୍ଥରେ ପିଟି ଦେଇଥିଲେ। ପ୍ଲାଷ୍ଟିକ ରଶିରେ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ।

# ମାଳିପଦର ଏନ୍‌କାଉଣ୍ଟରର ପ୍ରତିବାଦ

ମାଲକାନଗିର,୧୩।୧୧(ଡି.ଏନ୍.ଏ.)

କୋରାପୁଟ ଜଲା ବୈପାରିଗୁଡା ବ୍ଲକ ଅନ୍ତର୍ଗତ ମାଳିପଦର ଏନକାଉଣ୍ଟର ଘଟଣାର ପ୍ରତିବାଦ କରି ରବିବାର ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ କତାମେଟାଠାରେ ସାମାଜିକ କର୍ମୀ ଶରତ ବୁରୁଦାଙ୍କ ନେତୃତ୍ୱରେ ମାଥିଲି ଥାନା ବେଜାଗୁଡା ପଞ୍ଚାୟତ ସର୍ଗିଗୁଡା ଗ୍ରାମର ଶତାଧିକ ଗ୍ରାମବାସୀ ମୃତବ୍ୟକ୍ତିଙ୍କ ପରିବାର ସହ ରାସ୍ତା ଅବରୋଧ କରିଥିଲେ। ଗତ ୧୧ ତାରିଖ ରାତିରେ ମାଓବାଦୀ ଓ ସୁରକ୍ଷାବାହିନୀଙ୍କ ମଧ୍ୟରେ ମାଳିପଦର ନିକଟସ୍ଥ ଜଙ୍ଗଲରେ ଗୁଳି ବିନିମୟ ହୋଇଥିଲା। ଏଥିରେ ୨ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା କୋରାପୁଟ ଦକ୍ଷିଣାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ପରବର୍ତ୍ତୀ ସମୟରେ ଏହି ଦୁଇଜଣଙ୍କ ମଧ୍ୟରୁ ଜଣେ ମାଥିଲି ବ୍ଲକ ବେଜାଗୁଡା ପଞ୍ଚାୟତ ଅନ୍ତର୍ଗତ ସର୍ଗିଗୁଡା ଗ୍ରାମର ଧନ କୁମାର ବୋଲି ଜଣାପଡିଥିଲା। ଧନ କୁମାର କୌଣସି ମାଓବାଦୀ ନୁହନ୍ତି, ସେ ଜଣେ ଗଞ୍ଜେଇ ବ୍ୟବସାୟୀଙ୍କ ସହ ମିଶି ଗଞ୍ଜେଇ ଭାର ବୋହିବାକୁ ଯାଇଥିଲେ। ପୋଲିସ ତାଙ୍କୁ ଏନକାଉଣ୍ଟର କରି ମାଓବାଦୀ ବୋଲି ଆଖ୍ୟା ଦେଇଥିଲା। ଏହାକୁ ତାଙ୍କ ପରିବାର ଲୋକେ ଖଣ୍ଡନ କରି ଏହା ମିଥ୍ୟା ଏନକାଉଣ୍ଟର ବୋଲି ଦାବି କରିଛନ୍ତି।



ରାସ୍ତା ଅବରୋଧ କରି ବସିଥିବା ଧନ କୁମାରଙ୍କ ସହ ଗ୍ରାମବାସୀ।

ଧନ କମାରଙ୍କ ମାଓବାଦୀଙ୍କ ସହ କୌଣସି ପ୍ରକାର ସମ୍ପର୍କ ନାହିଁ। ପୋଲିସ ନିଜର ଅପାରଗତାକୁ ଲୁଚାଇବାକୁ ଯାଇ ଏଭଳି ମାଓବାଦୀଙ୍କ ନାମ ନେଇ ନିଜ ପରିବାପଣିଆକୁ ପ୍ରତିପାଦନ କରୁଛି ବୋଲି

### ରାସ୍ତା ଅବରୋଧ କଲେ ଗ୍ରାମବାସୀ

ଅଭିଯୋଗ ହୋଇଥିଲା। ଏହାର ପ୍ରତିବାଦ କରି ରବିବାର ପରିବାର ଲୋକେ ଓ ଗ୍ରାମବାସୀ ରାସ୍ତା ରୋକୋ କରିଥିଲେ। ଗ୍ରାମବାସୀ ଓ ପରିବାର ଲୋକେ ପୋଲିସ ବ୍ୟତୀତ ଅନ୍ୟ କୌଣସି ସଂସ୍ଥା ଦ୍ୱାରା ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ପୀଡିତ ପରିବାରକୁ ନ୍ୟାୟ ସହ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରଛନ୍ତି। ଦାବି ପୂରଣ ନ ହେଲେ ରାସ୍ତାରୋକୋରୁ ହଟିବୁ ନାହିଁ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏବେ ଘଟଣା ସ୍ଥଳରେ ମାଲକାନଗିରି ଅତିରିକ୍ତ ତହସିଲଦାର, ମାଥିଲି ତହସିଲଦାର, ମାଲକାନଗିରି ଆଇଆଇସି ପହଞ୍ଚି ଲୋକଙ୍କୁ ବୁଝାଶୁଝା କରୁଛନ୍ତି। ତେବେ ଆନ୍ଦୋଳନକାରୀମାନେ ନିଜ ଜିଦ୍‌ରେ ଅଟଳ ଥିବା ଜଣାପଡିଛି।

# ୨ ଶହ କୁଇଣ୍ଟାଲ ପରିବର୍ତ୍ତେ ୪ଶହ କୁଇଣ୍ଟାଲ ଧାନ କ୍ରୟ କରିବାକୁ ଚାଷୀଙ୍କ ଦାବି

ମାଥିଲି,୧୩।୧୧(ଡି.ଏନ.ଏ.)

ଚାଷୀମାନେ ଫସଲ ଅମଳ ପରେ ସେହି ଫସଲର ଉଚିତ ମୂଲ୍ୟ ପାଇପାରୁ ନାହାନ୍ତି। ଫଳରେ ସେମାନେ ଅନେକ ସମୟରେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଧାନ ଅମଳ ପରେ ମଣ୍ଡିକୁ ନେଇ ଧାନ ବିକ୍ରି କରି ନ ପାରି ନିରାଶ ହୋଇ ଫେରୁଛନ୍ତି। ଗତ ବର୍ଷ ପ୍ରଶାସନ ଯେତିକି ଧାନ କିଣିବା କଥା ତାହା ପୂରଣ ହୋଇଛି କହି ଧାନକିଣା ବନ୍ଦ କରି ଦେଇଥିଲା। ବଳକା ଧାନ ନ କିଣିବାରୁ ଚାଷୀ ଅଭାବୀ ବିକ୍ରିର ଶିକାର ହୋଇଥିଲେ। ଚଳିତ ବର୍ଷ ଚାଷୀମାନେ ଧାନ ବିକ୍ରି ପାଇଁ ମଣ୍ଡି ଆରମ୍ଭ ପୂର୍ବରୁ ଜନ ପ୍ରତିନିଧିଙ୍କ ସହ ଏକତ୍ରିତ ହୋଇ ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଏଥିପାଇଁ ରବିବାର ମାଲକାନଗିରି ଜିଲା ମାଥିଲି ବ୍ଲକ ସାଲିମି ମଣ୍ଡିଠାରେ ୪ ପଞ୍ଚାୟତ କମାରପାଲି ସରପଞ୍ଚ କୁମାରୀ ଯୋଗୀ ମାଢି, ସମିତିସଭ୍ୟ ବସନ୍ତ ମାଢି, ମହୁପଦର ସରପଞ୍ଚ ବୃନ୍ଦାବତୀ ଧାରୁଆ, ସମିତିସଭ୍ୟା ପଦ୍ମାବତୀ ଧାରୁଆ, ଟେମୁରୁପାଲି ସରପଞ୍ଚ ଡୁମେଶ୍ୱର ସମରଥ, ସମିତିସଭ୍ୟା ଗଙ୍ଗାଦେଈ ମାଡକାମୀ, ସାଲିମି ସରପଞ୍ଚ ବନ୍ଧୁ ଭୂମିଆ, ସମିତିସଭ୍ୟ ତ୍ରିନାଥ ମଝି, ପୂର୍ବତନ ସରପଞ୍ଚ ବାସୁଦେବ ଭୂମିଆ ଏବଂ ଚାଷୀ କୁମାର ମାଝୀ, ଶ୍ରୀଧର ନାୟକ, ନୀଳକଣ୍ଠ ଭୂମିଆ, ରଘୁନାଥ ଭୂମିଆ, ରାମଚନ୍ଦ୍ର ଭୂମିଆ ଏକତ୍ରିତ ହୋଇ ମାଲକାନଗିରି ଜିଲାପାଳଙ୍କୁ ମଣ୍ଡି ଆରମ୍ଭରୁ ସପ୍ତାହରେ ଦୁଇଶହ କୁଇଣ୍ଟାଲ ପରିବର୍ତ୍ତେ ଚାରିଶହ କୁଇଣ୍ଟାଲ ଧାନ କ୍ରୟ କରାଯିବାକୁ ଦାବିପତ୍ର ଦେବାକୁ ଏକ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ଏହା ହେଲେ ମଣ୍ଡିରେ ସମସ୍ତ ଚାଷୀ ନିଜ ଧାନ ସୁରୁଖୁରୁରେ ବିକ୍ରି କରିପାରିବେ ବୋଲି ସେମାନେ କହିଛନ୍ତି।

# ସଫଳ ମାଣ୍ଡିଆ ଚାଷୀ ସନା ଖରା

ମାଲକାନଗିରି, ୧୩।୧୧ (ଡି.ଏନ୍.ଏ)



ନିଜ ମାଣ୍ଡିଆ କ୍ଷେତରେ ସନା ।

ରାଜ୍ୟ ସରକାର ଓଡିଶା ମିଲେଟ୍ ମିଶନ ଜରିଆରେ ମାଣ୍ଡିଆ ଚାଷକୁ ଅଗ୍ରାଧିକାର ଦେଇ ଆସୁଛନ୍ତି। ମାଲକାନଗିରି ଜିଲାର ଚାଷୀମାନେ ପାହାଡ ପର୍ବତରେ ଜଙ୍ଗଲ ସଫା କରି ମାଣ୍ଡିଆ ଚାଷ କରୁଛନ୍ତି। ସେହିପରି ଜଣେ ସଫଳ ମାଣ୍ଡିଆ ଚାଷୀ ହେଲେ ଖଇରପୁଟ ବ୍ଲକ ପୋଡାଘାଟ ପଞ୍ଚାୟତ ପାକନାମୁହାଁ ଗ୍ରାମର ସନା ଖରା । ସେ ନିଜର ୨ ଏକର ଜମିରେ ମାଣ୍ଡିଆ ଚାଷ କରି ଜିଲାରେ ସୁନାମ ଅର୍ଜନ କରିଛନ୍ତି। ଏନେଇ ସନା କହନ୍ତି, ତାଙ୍କ ପୂର୍ବପୁରୁଷ ଅମଳରୁ ଜଙ୍ଗଲ ସଫା କରି ବିଭିନ୍ନ ଚାଷ କରିଥିଲେ ମଧ୍ୟ ମାଣ୍ଡିଆ ଚାଷକୁ ଆମେ ଗୁରୁତ୍ୱ ଦେଇଥାଉ। ମାଣ୍ଡିଆ ଜାଉ ଖାଇବା ଦ୍ୱାରା ଶରୀର ଶକ୍ତିଶାଳୀ ହେବା ସହ କୌଣସି ରୋଗ ହୁଏନାହିଁ। ମାଣ୍ଡିଆ ଆମର ପାରମ୍ପରିକ ଚାଷ ହୋଇଥିଲେ ମଧ୍ୟ ଉନ୍ନତ ପ୍ରଣାଳୀ ଚାଷ ସମ୍ପର୍କରେ ଆମେ ବିଶେଷ କିଛି ଜାଣି ନ ଥିବାରୁ ଉତ୍ପାଦନ ବୃଦ୍ଧି ହୋଇପାରୁ ନ ଥିଲା। ଏ ଦିଗରେ ଖଇରପୁଟ ନେତାଜୀ ଉନ୍ନୟନ ସମିତି ଆମକୁ ମାଣ୍ଡିଆ ବିହନ, ଉନ୍ନତ ମାନର ଚାଷ ପ୍ରଣାଳୀ, ପ୍ରୋତ୍ସାହନ ଯୋଗାଇ ଦେଇଛନ୍ତି। ଫଳରେ ଏବେ ମୁଁ ୨ ଏକର ଜମିରେ ଉନ୍ନତମାନର ମାଣ୍ଡିଆ ଚାଷ କରିପାରୁଛି ବୋଲି ପ୍ରକାଶ କରିଛନ୍ତି ସନା।

# ୬ ପ୍ରତିଯୋଗୀ ଯୁବ ଦିବସରେ ସମ୍ମାନିତ ହେବେ

ମାଲକାନଗିରି, ୧୩।୧୧(ସ୍ୱ.ପ୍ର.)

ଉତ୍କଳ କଳା ଓ ସଂସ୍କୃତି ବିଭାଗ, ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ପକ୍ଷରୁ ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଜିଲାସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ବ୍ଲକରୁ ଜୁନିୟର ଓ ସିନିୟର ବର୍ଗରେ ମୋଟ ୪୬୪ ଜଣ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ଜୁନିୟର ବର୍ଗରେ ୧୭୭ ଓ ସିନିୟର ବର୍ଗରେ ୨୮୭ ଛାତ୍ରୀଛାତ୍ର ଥିଲେ। କାର୍ଯ୍ୟକ୍ରମରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ମାଲକାନଗିରି ଜିଲା ଶାଖା ସଭାପତି ଅଧାପକ ରଞ୍ଜନ ସ୍ୱାଇଁ, ସଂସଦର ଆଜୀବନ ସଦସ୍ୟ ଡି. ଆଶିଷ ରାଠୋର, ଦକ୍ଷିଣ ସଂଭାଗର ସମ୍ପାଦକ ରବୀନ୍ଦ୍ର ମହାରଣା, କେନ୍ଦ୍ର ସଂଯୋଜକ ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ, କାଳିମେଳା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପୀତାମ୍ବର ପାଣି, ଶିକ୍ଷୟିତ୍ରୀ ସାଧନା ରାଣୀ ମଣ୍ଡଳ, ଅଙ୍ଗୁରବାଳା ସ୍ୱାଇଁ, ପ୍ରତିମା ନାୟକ ପ୍ରମୁଖ ପ୍ରତିଯୋଗିତା ପରିଚାଳନା



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

### ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା

କରିଥିଲେ। ଶିକ୍ଷକବନ୍ଧୁ ଦେବରାଜ ସାହୁ, ସୁରେନ୍ଦ୍ର ମହାରଣା, ଅଲେଖ ପାତ୍ର, ପ୍ରମୋଦ ସାହୁ, ତପନ ଦେ, ଶିକ୍ଷକ ବିଚିତ୍ରାନନ୍ଦ ରାଉତ, ସୁରେନ୍ଦ୍ର ମଲ୍ଲିକ ଓ ରଶ୍ମିତା ଚିନାମ ନିରୀକ୍ଷକ ଦାୟିତ୍ୱ ତୁଲାଇଥିଲେ। ସୂଚନାଯୋଗ୍ୟ ଜୁନିଅର ଓ ସିନିୟର ବର୍ଗର ୬ ଜଣ ପ୍ରତିଯୋଗୀଙ୍କୁ ସ୍ୱାମୀ ବିବେକାନନ୍ଦ ଲୋକସଂସଦ ପକ୍ଷରୁ ଜାନୁୟାରୀ ୧୨ରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ (ଯୁବ ଦିବସ)ରେ ପୁରସ୍କୃତ କରାଯିବ। ଅନୁଷ୍ଠିତ ଚିତ୍ରକଳା ପ୍ରତିଯୋଗିତାର ଫଳାଫଳ ୧୭ତାରିଖରେ ପ୍ରକାଶ ପାଇବ।

# ତରୁଣ ପ୍ରଜ୍ଞା ଭାରତୀ ପକ୍ଷରୁ ପ୍ରତିଯୋଗିତା

ଜୟପୁର,୧୩।୧୧ (ନି.ପ୍ର.)

ଜୟପୁର ତରୁଣ ପ୍ରଜ୍ଞା ଭାରତୀ ପକ୍ଷରୁ ପଞ୍ଚାନନ ମନ୍ଦିର ପ୍ରାଙ୍ଗଣରେ ମୃଦଙ୍ଗ ବାଦନ, ଓଡ଼ିଶୀ ଓ ଲୋକନୃତ୍ୟ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଚୀନ ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ ତରୁଣ ପ୍ରଜ୍ଞା ଭାରତୀ ଦୀର୍ଘ ୩୩ ବର୍ଷ ହେଲା ତାର ପ୍ରୟାସ ଜାରି ରଖିଛି। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ଡ. ଗଙ୍ଗାଧର ନନ୍ଦ, ଉପସଭାପତି ମୀନକେତନ ଦାଶ ଉଦ୍‌ଘାଟନ କରିଥିଲେ। ବିଚାରକ ଭାବେ ଓଡିଶୀ ନୃତ୍ୟଶିଳ୍ପୀ ଗୀତା ଜୟନ୍ତୀ ପାତ୍ର, ଶଙ୍କରୀ ଦଳପତି, ପ୍ରଫୁଲ୍ଲ ମହାଙ୍କୁଡ, ସୁବର୍ଣ୍ଣ କୁମାରୀ ଖିଲ, ଅନନ୍ତ ବିଜୟ ଧୀବର ପ୍ରମୁଖ ଉପସ୍ଥିତ ରହି ପ୍ରତିଭା ଚୟନ କରିଥିଲେ। କାର୍ଯ୍ୟକ୍ରମକୁ ସଂପାଦକ ଯଜ୍ଞେଶର ପଣ୍ଡା, ସୁବାସ ଚନ୍ଦ୍ର ପଣ୍ଡା, କେ.ତିରୁପତି ପାତ୍ର,ରବୀନ୍ଦ୍ର ମହାରଣା,ରୀତାଞ୍ଜଳି ଡାକୁଆ,ଲିପିକା ଦଳେଇ ପ୍ରମୁଖ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଡିସେମ୍ବର ୧୧ରେ ହେବାକୁ ଥିବା ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସମ୍ପାଦକ ସୂଚନା ଦେଇଛନ୍ତି। ପ୍ରତିଯୋଗିତାରେ ମୃଦଙ୍ଗ ବାଦନ ପ୍ରଥମ ପ୍ରଦୀପ କୁମାର ଦାଶ, ଦ୍ୱିତୀୟ ପୀତାମ୍ବର କୁମ୍ଭାର, ତୃତୀୟ (ଯୁଗ୍ମ) ଜନକ ଗୋଲରି, ରବି ପାଇକ ହୋଇଛନ୍ତି। ସେହିପରି ଓଡିଶୀ ନୃତ୍ୟରେ ପ୍ରଥମ ହଂସିକା ସ୍ୱାଇଁ ଦ୍ୱିତୀୟ ସୁନେନା ମହାପାତ୍ର, ଅନୁସ୍କା ପ୍ରିୟଦର୍ଶନୀ ହୋଇଥିବା ବେଳେ ଲୋକ ନୃତ୍ୟରେ ପ୍ରଥମ ଲୋରି ଲୋପାମୁଦ୍ରା ଜେନା, ହଂସିକା ସ୍ୱାଇଁ, ଦ୍ୱିତୀୟ ଅଦିତି ମିଶ୍ର ଓ ବି.ସମୃଦ୍ଧି ହୋଇଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

### ଅଟୋ ଦୁର୍ଘଟଣାଗ୍ରସ୍ତ, ୨ ଗୁରୁତର

ପୋଲସରା,୧୩।୧୧(ଡି.ଏନ.ଏ.)

ପୋଲସରା ଥାନା ଅଧୀନ ମାରଦା ଛକ ନିକଟରେ ରବିବାର ଏକ ଅଟୋ ଦୁର୍ଘଟଣାଗ୍ରସ୍ତ ହେବାରୁ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ମଧୁପଲିଗ୍ରାମର କମଳ ଲୋଚନ ପୋଲେଇ ଓ ତୋଫାନ ପୋଲେଇ। ଉଭୟଙ୍କୁ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ପଠାଯାଇଛି। ସୂଚନାଯୋଗ୍ୟ, ଅଟୋଟି କବିସୂର୍ଯ୍ୟନଗରରୁ ଫେରୁଥିବା ବେଳେ ମାରଦା ନିକଟରେ ଦୁର୍ଘଟଣା ଘଟିଥିଲା।

# ସ୍ୱାଭିମାନ ଅଞ୍ଚଳରେ ଶିଶୁ ମୃତ୍ୟୁହାର ନିରାକରଣ ସମ୍ପର୍କିତ ସଚେତନତା ଶିବିର

ଚିତ୍ରକୋଣ୍ଡା,୧୩।୧୧(ଡି.ଏନ.ଏ.)

ସ୍ୱାଭିମାନ ଅଞ୍ଚଳରେ ଶିଶୁ ମୃତ୍ୟୁହାର ନିରାକରଣ ସମ୍ପର୍କିତ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିଶୁ ମୃତ୍ୟୁହାରକୁ ରୋକିବାକୁ ୟୁନିସେଫ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଛି। ସ୍ୱାଭିମାନ ଅଞ୍ଚଳର ଯୋଡ଼ାମ୍ବଠାରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଯୋଡ଼ାମ୍ବ ସରପଞ୍ଚ ପିଙ୍କି ହନ୍ତାଳ, ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ଅଧ୍ୟକ୍ଷ ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହନ୍ତ, କୁଡୁମୁଲୁଗୁମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସନ୍ତୋଷ ଷଡ଼ଙ୍ଗୀ, ୟୁନିସେଫ ଆରଆରସି ନିହାର ରଞ୍ଜନ ଜେନା, ବିପିଏମ ପଦ୍ମନାଭ ରାଓ, ସମୀର ରଞ୍ଜନ ବେପାରୀ, ଏଲଟି ପଦ୍ମରଞ୍ଜନ ପଣ୍ଡା, ଦିଲ୍ଲୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜୋଡାମ୍ବ ସେକ୍ଟର ସୁପ୍ରରଭାଇଜର ରତି ରଞ୍ଜନ ବାରିକ ଏବଂ ଜାନବାଇ ସେକ୍ଟର ସୁପରଭାଇଜର ଶଶାଙ୍କ ଶେଖର କର ପରିଚାଳନା କରିଥିଲେ। ଏହି ୨ ସେକ୍ଟରର ସମସ୍ତ ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ୨୬ କେଜି ଗଞ୍ଜେଇ ଜବତ, ୨ ଗିରଫ

ଚିତ୍ରକୋଣ୍ଡା,୧୩।୧୧(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଚିତ୍ରକୋଣ୍ଡା-ବାଲିମେଳା ମୁଖ୍ୟ ରାସ୍ତାର ଟନେଲକ୍ୟାମ୍ପ, ଆରଏସି-୯, କଙ୍କରାଇପଡା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଏକ ବାଇକ୍‌ରୁ ପୋଲିସ ୨୬କେଜି ୪ଶହ ଗ୍ରାମ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ଦୁଇ ଜଣ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରାଯାଇଛି। ଖବରରୁ ଜଣାପଡିଛି, ଗତ ୧୨ ତାରିଖ ରାତି ୧୨.୧୫ରେ ଚିତ୍ରକୋଣ୍ଡା ଏଏସ୍‌ଆଇ ସର୍ବେଶ୍ୱର ଭୋଇଙ୍କ ନେତୃତ୍ୱରେ ପୋଲିସର ଏକ ଟିମ୍ ଟନେଲକ୍ୟାମ୍ପ, ମନ୍ତ୍ରୀଫୁଟ, ଆରଏସ ସି-୯, କଙ୍କରାଇପଡା ଅଞ୍ଚଳରେ ପାଟ୍ରୋଲିଂ କରି ଗାଡିମୋଟର ଯାଞ୍ଚ କରୁଥିଲା। ଏହି ସମୟରେ ପାପଲୁର ଆଡୁ ଆସୁଥିବା ଏକ ବାଇକ୍(ଏପି ୩୯ଏମଇ- ୭୯୫୪)କୁ ପୋଲିସ ଅଟକାଇ ଯାଞ୍ଚ କରିଥିଲା। ଗଞ୍ଜେଇ ଚାଲାଣକାରୀମାନେ ପୋଲିସକୁ ଦେଖି ଅନ୍ଧାରର ସୁଯୋଗ ନେଇ ନିକଟସ୍ଥ ଜଙ୍ଗଲ ଭିତରକୁ ଦୌଡି ପଳାଇଥିଲେ। ତେବେ ପରେ ପୋଲିସ ସେମାନଙ୍କୁ ଧରିବାରେ ସଫଳ ହୋଇଥିଲା। ବାଇକ୍‌କୁ ଯାଞ୍ଚ କରିବା ପରେ ସେଥିରୁ ଗୋଟିଏ ଜରି ବ୍ୟାଗରେ ଥିବା ୨୬କେଜି ୪୦୦ ଗ୍ରାମ ଗଞ୍ଜେଇ ମିଳିଥିଲା। ବାଇକ୍‌ଟିକୁ ଜବତ କରାଯିବ ସହ ଉଭୟଙ୍କୁ ଗିରଫ କରାଯାଇଥିଲା। ଜବତ ଗଞ୍ଜେଇର ମୂଲ୍ୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ପୋଲିସ କହିଛି। ଏହି ଜବତ ଗଞ୍ଜେଇ ଓଡିଶାରୁ ଆନ୍ଧ୍ରପ୍ରଦେଶ ଚାଲାଣ ହେଉଥିଲା ବୋଲି ପୋଲିସ ସୂଚନା ଦେଇଛି। ଏନେଇ ଚିତ୍ରକୋଣ୍ଡା ଥାନାରେ କେସ୍ ନଂ. ୧୫୫/୨୨ରେ ଏକ ମାମଲା ରୁଜୁ ହୋଇଛି। ଗିରଫ ୨ ଅଭିଯୁକ୍ତ ହେଲେ ନୂଆଗୁଡା ଗ୍ରାମର ନିଧି ଖିଲ ଓ ଡିସାରିଗୁଡା ଗ୍ରାମର ଗଙ୍ଗାଧର ବାଙ୍କିଆ। ଉଭୟଙ୍କ ବାଇକ୍, ୫୯୫୦ଟଙ୍କା ଜବତ କରାଯାଇ ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ଅନିଲ ପରିଡା କହିଛନ୍ତି ।



ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ ।

# କୋରାପୁଟରେ ନୂଆଁଖାଇ ଭେଟଘାଟ

କୋରାପୁଟ,୧୩।୧୧(ସ୍ୱ.ପ୍ର. )

କୋରାପୁଟସ୍ଥିତ ବିଇଡି କଲେଜ ପରିସରରେ ପଶ୍ଚିମ ଓଡିଶା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ରବିବାର ନୂଆଁଖାଇ ଭେଟଘାଟ -୨୦୨୨ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଥମେ ମାଆ ସମଲେଶରୀଙ୍କ ପୂଜାର୍ଚ୍ଚନା ପରେ ବିଇଡି କଲେଜ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର୍ ଡାଙ୍ଗଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ଆଇନଜୀବୀ ମନୋଜ ଆଚାର୍ଯ୍ୟ, ଡିଏସପି ତପନ ମହାନନ୍ଦ, ନାରାୟଣ ପଣ୍ଡା, ଜଗନ୍ନାଥ ଦାସ, କେଶବ ଭୁଏ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କୋରାପୁଟ ଜିଲାରେ ରହୁଥିବା ପଶ୍ଚିମ ଓଡ଼ିଶାର ସମସ୍ତଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ପରେ ବଲାଙ୍ଗୀର ଇନ୍ଦିରାନଗର କୁରେଇଫୁଲ କଳା ପରିଷଦର କଳାକାରମାନେ ସମ୍ବଲପୁରୀ ନୃତ୍ୟ ଓ ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ବିଜୟ ପଟେଲ, ନନ୍ଦ କିଶୋର ଗୁରୁ, ସୁରେଶ ତାଣ୍ଡି, ଚନ୍ଦ୍ରକଳା ବଗର୍ତ୍ତି, ଚିତ୍ତରଞ୍ଜନ ଭୋଇ, ନରେନ୍ଦ୍ର ଭିତ୍ରିଆ ଓ ଅଶୋକ ସାହାଙ୍କ ସମେତ ପଶ୍ଚିମ ଓଡିଶା ସାଂସ୍କୃତିକ ଅନୁଷ୍ଠାନର ସଦସ୍ୟ ମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କୋରାପୁଟ ଜିଲାରେ ବସବାସ କରୁଥିବା ପଶ୍ଚିମ ଓଡ଼ିଶାର ସମସ୍ତ ବ୍ୟକ୍ତିଙ୍କୁ ନେଇ ୨୦୦୧ରୁ ଏହି ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆସୁଛି।

# ଝାଟିମାଟି ଘରେ ବିତୁଛି ଦିନ

ଦଶମନ୍ତପୁର,୧୩।୧୧ ( ଡି.ଏନ.ଏ.)

ପକ୍କା ଘର ଖଣ୍ଡିଏ ନାହିଁ । ଭଙ୍ଗା ଦଦରା ଝାଟିମାଟି କୁଡ଼ିଆ ଘରେ ମୁଣ୍ଡ ଗୁଞ୍ଜିଛନ୍ତି ଦମ୍ପତି। ବର୍ଷା ଦିନେ ବର୍ଷାପାଣି ଘର ଭିତରେ ଲହଡି ଭାଙ୍ଗୁଛି। ପାଣି ପଡିଲେ କାନ୍ଥରୁ ଖସୁଛି ମାଟି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଲୁଲା ପଞ୍ଚାୟତର ମିଟକର୍ଲ୍ଲୀ ଗ୍ରାମରେ। ଏହି ଗ୍ରାମର ଶିତ୍ରୁ ସାଉନ୍ତାଙ୍କ ଦୁଇ ପୁଅ ବିବାହ ପରେ ଅଲଗା ରହିବାରୁ ଏବେ ଦୁଃଖ କଷ୍ଟରେ ଚଳୁଛନ୍ତି ଶିତ୍ରୁ ଆଉ ତାଙ୍କ ସ୍ତ୍ରୀ ରାମ୍ବାଇ। ସରକାରୀ ସୁବିଧା ବିଶେଷ କିଛି ମିଳିନି ଉଭୟଙ୍କୁ। କେବଳ ଚାଉଳ କାର୍ଡ ଅଛି ଆଉ ଯାହା ଉଭୟଙ୍କୁ

- ବର୍ଷା ହେଲେ ଘରେ ପାଣି ଲହଡି ଭାଙ୍ଗୁଛି
- କାନ୍ଥ ବତୁରି ମାଟି ଖସୁଛି
- ଆବାସ ପାଇଁ ପଲ୍ଲିସଭା, ଗ୍ରାମସଭାରେ ନିବେଦନ କରି ମିଳିନି



ଶିତ୍ରୁଙ୍କ ଭଙ୍ଗାଦଦରା ଘର।

ଭତ୍ତା ମିଳୁଛି । ଶିତ୍ରୁ କହନ୍ତି, ସେମାନେ ଦୀର୍ଘ ଦିନ ହେଲା ଏହି ଭଙ୍ଗା ଦଦରା ଝାଟିମାଟି ଘରେ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ନିଜ ସ୍ୱଳ୍ପ ଜମିରୁ ଯାହା ଉପାର୍ଜନ ହୁଏ ସେଥିରେ ବହୁ କଷ୍ଟରେ ଚଳୁଛନ୍ତି ଉଭୟେ। ଆବାସ ଗୃହ ଖଣ୍ଡେ ପାଇଁ ପଲ୍ଲିସଭା ଓ ଗ୍ରାମସଭାରେ ନିବେଦନ କରିଥିଲେ ମଧ୍ୟ ୨ଟି ପଞ୍ଚାୟତ ନିର୍ବାଚନ ଗଲାଣି ଏଯାଏ ମିଳିଲାନି ବୋଲି କହିଛନ୍ତି ଶିତ୍ରୁ। ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଚାଉଳ,ଭତ୍ତା ପାଇପାରୁନାହାନ୍ତି ବାରେ

କୋରୁକୋଣ୍ଡା ୧୩।୧୧ (ଡି.ଏନ.ଏ);

ଗରିବ ଶ୍ରେଣୀର ହିତାଧିକାରଙ୍କ ପାଇଁ ସରକାର ବହୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସେମାନେ କିପରି ସବୁ ସରକାରୀ ସୁବିଧା ପାଇବେ ବ୍ୟବସ୍ଥା କରୁଛନ୍ତି। ଏହା ସତ୍ତ୍ୱେ କେତେକ ସରକାରୀ ନିୟମ ହିତାଧିକାରୀଙ୍କ ପାଇଁ କଣ୍ଟା ହୋଇଛି। ହିତାଧିକାରୀଙ୍କ ସାମଗ୍ରୀ ବାଟମାରଣା ନ ହୋଇ ଯେପରି ସେମାନେ ଏଥିରୁ ଉପକୃତ ହେବେ ସେନେଇ ସେମାନଙ୍କ ରାସନ କାର୍ଡକୁ ଆଧାର ସଂଯୋଗୀକରଣ କରିଛନ୍ତି। ଏହାଦ୍ୱାରା ସେମାନେ ସବୁ ସୁବିଧା ସିଧାସଳଖ ପାଇବେ। ମାତ୍ର ସରକାରଙ୍କ କେତେକ ନିୟମ ଯୋଗୁ ମାଲକାନଗିରି



### ସରକାରୀ ନିୟମ କଣ୍ଟା

ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ କାମୱାଡା ପଞ୍ଚାୟତ ମର୍କେଲଗୁଡା ପିଡି କୋଲୋନୀର ଜଣେ ବୃଦ୍ଧା ବାରେ ମାଡକାମୀ ବୟସ(୮୦) ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହୋଇଛନ୍ତି। କୁଷ୍ଠ ରୋଗରେ ଆକ୍ରାନ୍ତ ହୋଇଥିବା ବାରେଙ୍କ ନିଜର ବୋଲି କେହି ନାହାନ୍ତି । ସେ ନିଜ ତାଙ୍କ ସାନ ଭଉଣୀଙ୍କ ପୁଅ ସୁନାଙ୍କୁ ଆଣି ନିଜ ଦେଖାରଖା ଲାଗି ପାଖରେ ରଖିଛନ୍ତି। ପୂର୍ବରୁ ବାରେଙ୍କୁ ମାସିକ ୩୫ କେଜି ଚାଉଳ ଓ ବାର୍ଦ୍ଧକ ଭତା ବାବଦକୁ ମାସିକ ୫୦୦ ଟଙ୍କା ମିଳୁଥିଲା । ହେଲେ ବର୍ତ୍ତମାନ ସରକାରଙ୍କ ନିୟମ ଅନୁଯାୟୀ ଭତା ବାବଦକୁ ଆସୁଥିବା ୫ଶହ ଟଙ୍କା ବ୍ୟାଙ୍କ ଖାତାରେ ଜମା ହେଉଛି। ତାଙ୍କୁ ମିଳୁଥିବା ଚାଉଳ କାର୍ଡର ଆଧାର ସହ ସଂଯୋଗୀକରଣ ହୋଇପାରୁ ନ ଥିବାରୁ ସେ ତାହା ପାଇବାରୁ ବଞ୍ଚିତ ହେଉଛନ୍ତି । ଏଥିପାଇଁ ସେ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ନିରାଶ ହୋଇ ଫେରିଛନ୍ତି। ଏନେଇ ଆମେ କୋରୁକୋଣ୍ଡା ବ୍ଲକ ଯୋଗାଣ ନିରୀକ୍ଷକ ସଂଜୀବ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଆମ ପାଖକୁ ଏଯାଏ କୌଣସି ଲିଖିତ ଅଭିଯୋଗ ଆସିନାହିଁ। ଯଦି ଏମିତି କିଛି ହୋଥିବ ହିତାଧିକାରୀ ଲିଖିତ ଭାବେ ଆବେଦନ କଲେ ଏ ଦିଗରେ ଆମେ ନଦକ୍ଷେପ ନେବୁ ବୋଲି କହିଛନ୍ତି।

ବାରେ ମାଡକାମୀ

